CMYK

# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୧୦ ◆ ସଂଖ୍ୟା- ୦୩ ◆ ଭୁବନେଶ୍ୱର ◆ ସୋମବାର ◆ ସେପ୍ଟେମ୍ବର ୦୭ରୁ ସେପ୍ଟେମ୍ବର ୧୩, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-10 • Issue-03 • Bhubaneswar • Monday • September 07 to September 13, 2026 • Page-8 • Price Rs.4.00

## ଏଜ୍‌ବାଷ୍ଟନ୍ ଟେଷ୍ଟ୍ ପୂର୍ବରୁ ପାକିସ୍ତାନ ଟିମ୍‌ରେ ନୂଆ ବିବାଦ: ଖେଳାଳିଙ୍କ ଫୋନ୍ କଷ୍ଟଡିକୁ ନେଲା ପିସିବି

ବର୍ମିଂହାମ୍,(ଏଜେନ୍ସି): ପାକିସ୍ତାନ କ୍ରିକେଟ୍ ଟିମ୍ ସହିତ ଜଡ଼ିତ ଏକ ନୂଆ ବିବାଦ ସାମ୍ନାକୁ ଆସିଛି। ଇଂଲଣ୍ଡ ବିପକ୍ଷ ତୃତୀୟ ଏବଂ ଅନ୍ତିମ ଟେଷ୍ଟ୍ ମ୍ୟାଚ୍ ପୂର୍ବରୁ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) କିଛି ଖେଳାଳିଙ୍କ ମୋବାଇଲ୍ ଫୋନ୍ ଜବତ କରିଛି। ଟେଷ୍ଟ୍ ମ୍ୟାଚ୍ ଶେଷ ହେବା ପର୍ଯ୍ୟନ୍ତ ଏହି ଫୋନ୍ ବୋର୍ଡ କବ୍‌ଜାରେ ରହିବ। ତେବେ ଏହି କାର୍ଯ୍ୟାନୁଷ୍ଠାନର କାରଣ ଏବଂ କେଉଁ କେଉଁ ଖେଳାଳିଙ୍କ ଫୋନ୍ ଜବତ କରାଯାଇଛି, ସେ ସମ୍ପର୍କରେ ପିସିବି କିଛି ସୂଚନା ଦେଇନାହିଁ।

ପାକିସ୍ତାନ ଟିମ୍ ପ୍ରଥମ ଦୁଇଟି ଟେଷ୍ଟ୍ ହାରି ସିରିଜ୍‌ରେ ୦-୨ରେ ପଛୁଆ ରହିବା ସହିତ ପିସିବି ଟିମ୍‌ରେ ବଡ଼ ପରିବର୍ତ୍ତନ କରିଥିବା ସମୟରେ ଏହି ମାମଲା ସାମ୍ନାକୁ ଆସିଛି। ଫୋନ୍ କଷ୍ଟଡିକୁ ନିଆଯିବା ଖବର ପରେ ସୋସିଆଲ୍ ମିଡିଆ ଏବଂ କ୍ରିକେଟ୍ ଜଗତରେ ଏହା ପଛର କାରଣ ଏବଂ ସମ୍ଭାବ୍ୟ ଯାଞ୍ଚକୁ ନେଇ ପ୍ରଶ୍ନ ଉଠିବାରେ ଲାଗିଛି। ଅବଶ୍ୟ ବର୍ତ୍ତମାନ ସୁଦ୍ଧା ପିସିବି କିମ୍ବା ଆଇସିସି ଏହାକୁ ମ୍ୟାଚ୍ ଫିକ୍ସିଂ କିମ୍ବା ଭ୍ରଷ୍ଟାଚାରର ଯାଞ୍ଚ୍ ବୋଲି କହିନାହିଁ।




ଆଇସିସି ନିୟମ ଅନୁସାରେ ଅନ୍ତର୍ଜାତୀୟ ମ୍ୟାଚ୍ ଅବସରରେ ଖେଳାଳି ଏବଂ ସପୋର୍ଟ ଷ୍ଟାଫ୍‌ଙ୍କୁ ଡ୍ରେସିଂ ରୁମ୍ ସମେତ ନିର୍ଦ୍ଧାରିତ ପ୍ରତିବନ୍ଧିତ ଅଞ୍ଚଳରେ ମୋବାଇଲ୍ ଫୋନ୍ କିମ୍ବା ଅନ୍ୟ କମ୍ୟୁନିକେସନ୍ ଡିଭାଇସ୍ ରଖିବା କିମ୍ବା ବ୍ୟବହାର କରିବାର ଅନୁମତି ନଥାଏ। ଏପରି ଅଞ୍ଚଳରେ ପ୍ରବେଶ ପୂର୍ବରୁ ଖେଳାଳିମାନଙ୍କୁ ନିଜ ଡିଭାଇସ୍ ସୁରକ୍ଷିତ ସ୍ଥାନରେ ଜମା କରିବାକୁ ପଡ଼ିଥାଏ। କିନ୍ତୁ ବର୍ତ୍ତମାନର ମାମଲା ସାମାନ୍ୟ ମ୍ୟାଚ୍-ଦିବସ ପ୍ରତିବନ୍ଧକ ଠାରୁ ଅଲଗା ବୋଲି କୁହାଯାଉଛି। ସିରିଜ୍‌ର ତୃତୀୟ ଏବଂ ଅନ୍ତିମ ଟେଷ୍ଟ୍ ସେପ୍ଟେମ୍ବର ୯ ତାରିଖରୁ ବର୍ମିଂହାମ୍‌ର ଏଜ୍‌ବାଷ୍ଟନ୍‌ରେ ଖେଳାଯିବ। ଏହା ପୂର୍ବରୁ ଖେଳାଳିମାନଙ୍କ ଫୋନ୍ ପିସିବି କଷ୍ଟଡିକୁ ନିଆଯିବା ରିପୋର୍ଟ ଟିମ୍ ଭିତରେ ଚାଲିଥିବା ହଲଚଲକୁ ଆହୁରି ବଢ଼ାଇ ଦେଇଛି।

ସୂଚନାଯୋଗ୍ୟ, ଇଂଲଣ୍ଡ ବିପକ୍ଷ ଟେଷ୍ଟ୍ ସିରିଜ୍‌ରେ ପାକିସ୍ତାନର ଖରାପ ପ୍ରଦର୍ଶନ ପରେ ପିସିବି ତୃତୀୟ ଟେଷ୍ଟ୍ ପୂର୍ବରୁ ଟିମ୍‌ରେ ବଡ଼ ପରିବର୍ତ୍ତନ କରିଛି। ବୋର୍ଡ ମହମ୍ମଦ ରିଜୱାନ୍, ଇମାମ୍-ଉଲ୍-ହକ୍, ସଲମାନ ଅଲୀ ଆଗାଙ୍କ ସମେତ ୭ ଖେଳାଳିଙ୍କ ଟିମ୍‌ରୁ ରିଲିଜ୍ କରିଦେଇଛି। ସେମାନଙ୍କ ସ୍ଥାନରେ ନୂଆ ଖେଳାଳିଙ୍କୁ ସାମିଲ କରାଯାଇଛି। ଏହା ବ୍ୟତୀତ ମୁଖ୍ୟ କୋଚ୍ ସରଫରାଜ ଅହମଦଙ୍କୁ ମଧ୍ୟ ହଟାଇ ଦିଆଯାଇଛି ଏବଂ ତାଙ୍କ ସ୍ଥାନରେ ତୃତୀୟ ଟେଷ୍ଟ୍ ପାଇଁ ମାଇକ୍ ହେସନ୍‌ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବୋଲିଂ କୋଚ୍ ଉମର ଗୁଲ୍‌ଙ୍କ ସ୍ଥାନରେ ଆଶ୍ଲେ ନାଫକେଙ୍କୁ ମଧ୍ୟ ଅଣାଯାଇଛି।

# ୨୦୨୭ରେ ୟୁପି, ଉତ୍ତରାଖଣ୍ଡ, ପଞ୍ଜାବ ନିର୍ବାଚନ

## ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନସର୍‌ଙ୍କୁ ଭରସୁଛନ୍ତି ନେତା

ନୂଆଦିଲ୍ଲୀ,(ଏଜେନ୍ସି): ରାଜନୈତିକ ଦଳଗୁଡ଼ିକଙ୍କ ପାଇଁ ସେମାନଙ୍କ ଶକ୍ତିର ମୂଳ ଆଧାର ହେଉଛନ୍ତି ସଂଗଠନ ଏବଂ କାର୍ଯ୍ୟକର୍ତ୍ତା। କିନ୍ତୁ ଏବେ ରାଜନୈତିକ ଦଳଙ୍କ ପାଇଁ କାର୍ଯ୍ୟକର୍ତ୍ତା, କର୍ମୀଙ୍କ ସହ ସମାନ୍ତରାଳ ଭାବରେ କଣ୍ଟେଣ୍ଟ କ୍ରିଏଟର ଏବଂ ମାଇକ୍ରୋ ଇନ୍‌ଫ୍ଲୁଏନ୍‌ସର ରୂପୀ 'ଡିଜିଟାଲ୍ ଫୌଜ' ମଧ୍ୟ କାମ କରୁଛି। ସିଧାସଳଖ କହିଲେ ରାଜନେତା ତଥା ରାଜନୈତିକ ଦଳ ଏବେ ନିଜ ସମ୍ପର୍କରେ ପ୍ରଚାର ପ୍ରସାର କରିବା ପାଇଁ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନସର୍‌ଙ୍କ ଉପରେ ନିର୍ଭରଶୀଳ ହେଉଥିବାର ଦେଖିବାକୁ ମିଳୁଛି। ତେବେ ଏହି କଣ୍ଟେଣ୍ଟ କ୍ରିଏଟର ବା ମାଇକ୍ରୋ ଇନ୍‌ଫ୍ଲୁଏନସରଙ୍କ ପାଖରେ ନା କୌଣସି ଦଳୀୟ ପଦବୀ ଅଛି, ନା କୌଣସି ପତାକା। କିନ୍ତୁ, ହଜାର ହଜାର ଓ ଲକ୍ଷ ଲକ୍ଷ ସ୍କ୍ରିନ୍ ପର୍ଯ୍ୟନ୍ତ ଏମାନଙ୍କର ପହଞ୍ଚ ରହିଛି। ରାଜନୈତିକ ଦଳ ବା ରାଜନେତାମାନେ ଏବେ ଏହି ପହଞ୍ଚକୁ ହିଁ ନିଜ ସପକ୍ଷରେ ନେବାକୁ ଉଦ୍ୟମ କରୁଛନ୍ତି। ବିଶେଷକରି ବିଗତ ବର୍ଷ ଗୁଡ଼ିକରେ ଯୁବଗୋଷ୍ଠୀ ସୋସିଆଲ ମିଡିଆ ମାଧ୍ୟମରେ ନିଜର ଶକ୍ତି ଦେଖାଇସାରିଛନ୍ତି। ଗୋଟିଏ ରିଲ୍, ମିମ୍, କିମ୍ବା ଶର୍ଟ ଭିଡିଓ ମାଧ୍ୟମରେ କିଛି ଘଣ୍ଟା ମଧ୍ୟରେ ଲକ୍ଷ ଲକ୍ଷ ଯୁବକଯୁବତୀଙ୍କ (ରାଜନେତାମାନଙ୍କ ପାଇଁ ଭୋଟର) ପାଖରେ ପହଞ୍ଚିପାରୁଛନ୍ତି। ଅର୍ଥାତ୍ ଯଦି ୧୦/୧୫ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍‌ସରଙ୍କ ମାଧ୍ୟମରେ ଜଣେ ନିଜ ପ୍ରଚାର କରିବାକୁ ଚେଷ୍ଟା କରେ ତେବେ ଉକ୍ତ ବ୍ୟକ୍ତି ରାତାରାତି ପ୍ରାୟ ସବୁବର୍ଗର ଭୋଟରଙ୍କ ପର୍ଯ୍ୟନ୍ତ ପହଞ୍ଚିପାରିବ ବୋଲି ରାଜନେତାମାନେ ବିଶ୍ୱାସ କରୁଛନ୍ତି। ଆସନ୍ତା ବର୍ଷ ଉତ୍ତରପ୍ରଦେଶ, ପଞ୍ଜାବ ଏବଂ ଉତ୍ତରାଖଣ୍ଡ ଆଦି ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏହା ପୂର୍ବରୁ ରାଜନୈତିକ ଦଳଗୁଡ଼ିକ ୧୦ରୁ ୫୦ ହଜାର ଫଲୋଅର୍ସ ଥିବା ସ୍ଥାନୀୟ ଇନ୍‌ଫ୍ଲୁଏନ୍‌ସରଙ୍କ



ନେଟୱାର୍କ ଗଠନ କରିବାରେ ଲାଗିଛନ୍ତି। ଡିଜିଟାଲ୍ କ୍ୟାମ୍ପେନ୍ ସହ ଜଡ଼ିତ ଲୋକଙ୍କ କହିବା ଅନୁଯାୟୀ, ଛୋଟ ତଥା ମଧ୍ୟମ ବର୍ଗର ଇନ୍‌ଫ୍ଲୁଏନ୍‌ସରମାନେ କୌଣସି ଦଳ ସହିତ ସ୍ଥାୟୀ ଭାବେ ଯୋଡ଼ି ହେଉନଥିଲେ ମଧ୍ୟ ଅଳ୍ପ କିଛି ଟଙ୍କା ପାଇଁ ସେମାନେ ଅଲଗା ଅଲଗା ସମୟରେ ବିଜେପି, କଂଗ୍ରେସ, ଆପ୍ କିମ୍ବା ଅନ୍ୟାନ୍ୟ ଦଳ ପାଇଁ କାମ କରୁଛନ୍ତି। ଏପରିକି କିଛି ବଡ଼ ବଡ଼ ଇନ୍‌ଫ୍ଲୁଏନ୍‌ସର ( ଯେଉଁମାନଙ୍କ ପାଖରେ ମିଲିଅନ୍ ମିଲିଅନ୍ ଫଲୋଅର୍ସ ଅଛନ୍ତି) ସେମାନଙ୍କୁ କିଛି ରାଜନୈତିକ ଦଳ ନିଜ ଦଳର ତଥା ପ୍ରାର୍ଥୀଙ୍କ ସମ୍ପର୍କରେ ପ୍ରଚାର ପ୍ରସାର କରିବା ପାଇଁ ଏବେ ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଯାଚୁଥିବା ଜଣାପଡ଼ିଛି। ଏତେ ମୋଟା ଅଙ୍କର ଅର୍ଥ ପାଇବା ପରେ ଏମାନେ ମଧ୍ୟ ଉକ୍ତ ଦଳ ବା ପ୍ରାର୍ଥୀଙ୍କ ସପକ୍ଷରେ କଣ୍ଟେଣ୍ଟ୍ ପ୍ରସ୍ତୁତ କରୁଛନ୍ତି ଏବଂ ଏହାକୁ ଭିଡିଓ ମାଧ୍ୟମରେ ସୋସିଆଲ ମିଡିଆରେ ଚଲାଉଛନ୍ତି। ସ୍ଥିତି ଏପରି ହୋଇଛି ଯେ, କିଛି ରାଜନୈତିକ ଦଳ ଏବେ ଏହି ଇନ୍‌ଫ୍ଲୁଏନ୍‌ସରଙ୍କ ପାଇଁ ରେଟ୍ କାର୍ଡ ମଧ୍ୟ ପ୍ରସ୍ତୁତ କରୁଛନ୍ତି। ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଫଲୋଅର୍ସ ଥିବା କ୍ରିଏଟର୍‌ଙ୍କୁ ୩୦ ଲକ୍ଷ ପର୍ଯ୍ୟନ୍ତ, ୫ ଲକ୍ଷରୁ ଊର୍ଦ୍ଧ୍ୱ କ୍ରିଏଟରଙ୍କୁ ୫୦ ହଜାରରୁ ୧ ଲକ୍ଷ ପର୍ଯ୍ୟନ୍ତ ଦେବାକୁ କୁହାଯାଉଛି। ସେହିପରି ୧୦ହଜାରରୁ କମ୍ ଫଲୋଅର୍ସ ଥିବା କ୍ରିଏଟରଙ୍କୁ ମଧ୍ୟ ରାଜନୈତିକ ଦଳ ଭଲ ଅର୍ଥ ଦେଇ ସେମାନଙ୍କ ମାଧ୍ୟମରେ ନିଜର ପ୍ରଚାର କରାଇବାକୁ ଚାହୁଁଛନ୍ତି। ସ୍ଥାନୀୟ ଲୋକଙ୍କ ପାଖରେ ଖୁବଶୀଘ୍ର ପରିଚିତ ତଥା ଲୋକାଦୃତ ହେବା ପାଇଁ ସୋସିଆଲ ମିଡିଆ ଏବେ ବେଶ୍ ଭଲଭାବେ କାମ କରୁଛି। ଅନ୍ୟପକ୍ଷେ କଂଗ୍ରେସର 'ଜେନ୍-ଜି କନେକ୍ଟ ଯାତ୍ରା' ସହ ଜଡ଼ିତ ସୁଧାଂଶୁ ବାଜପେୟୀ କହନ୍ତି, 'ରିଲ୍ସ ଜରିଆରେ କାର୍ଯ୍ୟକର୍ତ୍ତାଙ୍କ ଅପେକ୍ଷା ଅଧିକ ଲୋକପ୍ରିୟତା (ଫେମ୍) ମିଳିପାରେ। କିନ୍ତୁ, ଭୋଟରଙ୍କୁ ବୁଥ୍ ପର୍ଯ୍ୟନ୍ତ ଆଣିବା କାର୍ଯ୍ୟକର୍ତ୍ତାଙ୍କର ହିଁ କାମ। ସୋନମ୍ ୱାଙ୍ଗଚୁକ୍‌ଙ୍କ ଲଦାଖ ଅଭିଯାନ ଦେଖାଇଦେଇଛି ଯେ ଡିଜିଟାଲ୍ ସମର୍ଥନ ମଧ୍ୟ ମାଟିରେ (ଗ୍ରାଉଣ୍ଡରେ) ଓହ୍ଲାଇପାରେ। 'ଜାଗୋ କର୍ଣ୍ଣାଟକ'ର ସଂଯୋଜକ ନୂର ଶ୍ରୀଧର ମଧ୍ୟ ସୋସିଆଲ ମିଡିଆ ଏବଂ ବୁଥ୍-ସ୍ତରୀୟ ପରିଚାଳନାର ତାଳମେଳକୁ ନିର୍ଣ୍ଣାୟକ ବୋଲି ମାନନ୍ତି।

## ଜିଲ୍ଲାପାଳଙ୍କୁ ରାଜସ୍ୱ ବିଭାଗର କଡ଼ା ନିର୍ଦ୍ଦେଶ

# ୭ ଦିନରେ ସଂଶୋଧନ କର ବନାନ ତ୍ରୁଟି

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି ଅନୁଯାୟୀ ଓଡ଼ିଆ ଉଚ୍ଚାରଣ ସହ ସମନ୍ୱୟ ରଖି ସଂଶୋଧିତ ହୋଇଥିବା ବିଭିନ୍ନ ସ୍ଥାନନାମର ଇଂରାଜୀ ବନାନକୁ ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନରେ ସମାନ ଭାବେ ବ୍ୟବହାର ସୁନିଶ୍ଚିତ କରିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ଏ ସମ୍ପର୍କରେ ସମସ୍ତ ଜିଲ୍ଲାପାଳଙ୍କୁ ପତ୍ର ଲେଖି ନିଜ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନର ନାମଫଳକ ତଥା ସାଇନ୍‌ବୋର୍ଡ୍ ଗୁଡ଼ିକରେ ସଂଶୋଧିତ ବନାନର ବ୍ୟାପକ ବ୍ୟବହାର ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ସରକାରୀ କାର୍ଯ୍ୟାଳୟର ସାଇନ ବୋର୍ଡରେ ସଂଶୋଧିତ ବନାନ୍ ପରିବର୍ତ୍ତନ ହୋଇନାହିଁ, ତାକୁ ୭ ଦିନରେ ସାରିବାକୁ ରାଜସ୍ୱ ସଚିବଙ୍କ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଥାଉ କି, ଗତ ୨୨ ଜୁନ୍, ୨୦୨୬ରେ ଓଡ଼ିଶା ସରକାରଙ୍କ ପ୍ରକାଶିତ ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ସଂଶୋଧିତ ବନାନକୁ ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନଗୁଡ଼ିକର ସାଇନ୍‌ବୋର୍ଡରେ ଏକ ମାସ ମଧ୍ୟରେ ଲାଗୁ କରିବାକୁ ସମୟସୀମା ଧାର୍ଯ୍ୟ କରାଯାଇଥିଲା। ସେହିପରି, ବେସରକାରୀ ଓ ଅଣ-ସରକାରୀ ପ୍ରତିଷ୍ଠାନଗୁଡ଼ିକ ପାଇଁ ୬ ମାସର ସମୟସୀମା ରଖାଯାଇଛି। ସରକାରଙ୍କ ଏହି ନିଷ୍ପତ୍ତି ଅନେକ ଜିଲ୍ଲାରେ ସଫଳତାର ସହ କାର୍ଯ୍ୟକାରୀ ହୋଇଛି। ତେବେ, କେତେକ ସରକାରୀ କାର୍ଯ୍ୟାଳୟର ସାଇନ୍‌ବୋର୍ଡରେ ଏପର୍ଯ୍ୟନ୍ତ ପୁରୁଣା ଇଂରାଜୀ ବନାନ ବ୍ୟବହୃତ ହେଉଥିବା ରାଜ୍ୟସରକାରଙ୍କ ଦୃଷ୍ଟିଗୋଚର ହୋଇଛି। ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି ଅନୁଯାୟୀ ସରକାରୀ ସ୍ଥାନନାମରେ ସଂଗତି ବଜାୟ ରଖିବା ଅତ୍ୟାବଶ୍ୟକ। ସରକାରୀ ସାଇନ୍‌ବୋର୍ଡରେ ପୁରୁଣା ବନାନର ବ୍ୟବହାର ଜାରି ରହିଲେ ସରକାରୀ ନାମକରଣରେ ଅସଙ୍ଗତି ସୃଷ୍ଟି ହେବା ସହ କ୍ୟାବିନେଟ୍ ନିଷ୍ପତ୍ତିର ଉଦ୍ଦେଶ୍ୟ ପ୍ରଭାବିତ ହେବ। ଏହି ପରିପ୍ରେକ୍ଷୀରେ ସମସ୍ତ ଜିଲ୍ଲାପାଳଙ୍କୁ ନିଜ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ, ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ସରକାରୀ ସାଇନ୍‌ବୋର୍ଡର ସମୀକ୍ଷା କରି ସଂଶୋଧିତ ଇଂରାଜୀ ବନାନର ସମାନ ଓ ସମୁଚିତ ବ୍ୟବହାର ସୁନିଶ୍ଚିତ କରିବାକୁ କୁହାଯାଇଛି। ଏଥିସହ ବେସରକାରୀ ଓ ଅଣ-ସରକାରୀ ପ୍ରତିଷ୍ଠାନଗୁଡ଼ିକ ଦ୍ୱାରା ମଧ୍ୟ ଏହି ପରିବର୍ତ୍ତନକୁ ସକରାତ୍ମକ ଭାବେ ଗ୍ରହଣ କରି ସଂଶୋଧିତ ବନାନର ବ୍ୟାପକ ବ୍ୟବହାର ସୁନିଶ୍ଚିତ କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି।

CMYK

ଜାତୀୟ ଚେତନା
JATIYA CHETANA



# ଭୁଶୁଡ଼ିଲା ୫୦ ବର୍ଷର ହୋଷ୍ଟେଲ ବିଲ୍ଡିଂ

## ୩ ଛାତ୍ର ମୃତ, ୭ ଗୁରୁତର



ଭୁବନେଶ୍ୱର,(ଜା.ପ୍ର): ଦିଲ୍ଲୀର ସତ୍ୟ ନିକେତନ (ମୋତିବାଗ୍) ଅଞ୍ଚଳରେ ଏକ ୫ ମହଲା କୋଠା ଭୁଶୁଡ଼ି ପଡ଼ିଛି। ଏଥିରେ ୩ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେହିପରି ଅନ୍ୟ ୭ ଜଣ ଗୁରୁତର ଆହତ ହୋଇଛନ୍ତି। ଏହି ୭ ଗୁରୁତର ଆହତଙ୍କୁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଛି। ଅନ୍ୟ କିଛି ଆହତଙ୍କୁ ଦିଲ୍ଲୀ ସଫଦରଜଙ୍ଗ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଯେଉଁ କୋଠାଟି ଭୁଶୁଡ଼ିଛି, ତାହା ପ୍ରାୟ ୪୦-୫୦ ବର୍ଷ ପୁରୁଣା ଥିଲା ବୋଲି କୁହାଯାଉଛି। କୋଠାର ଭଗ୍ନାବଶେଷ ତଳେ ଅନେକ ଫସିଥିବା ଆଶଙ୍କା କରାଯାଉଛି। ଘଟଣାସ୍ଥଳରେ ଉଦ୍ଧାର ଓ ଖୋଜାଖୋଜି ଅଭିଯାନ ଜୋରଦାର ଜାରି ରହିଛି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ ଏହି ବିଲ୍ଡିଂଟି ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ଥିଲେ ମଧ୍ୟ ଏଠାରେ ହଷ୍ଟେଲ ଚାଲୁଥିଲା। ଏହି ବିଲ୍ଡିଂଟି ମୁଖ୍ୟତଃ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କ ପାଇଁ ଏକ ହଷ୍ଟେଲ୍ ଭାବେ ବ୍ୟବହୃତ ହେଉଥିଲା। ତେବେ ଆଜିର ଏହି ଦୁର୍ଘଟଣା ସମୟରେ ଛାତ୍ରମାନେ ନିଜ ନିଜ ରୁମ୍‌ରେ ଥିବାବେଳେ ଏବଂ ବେସମେଣ୍ଟରେ ମରାମତି କାର୍ଯ୍ୟ ପାଇଁ ଖୋଳାଖୋଳି ଚାଲିଥିଲା। ଏହା ସହିତ କିଛି ଦିନ ହେବ ବର୍ଷା ଯୋଗୁଁ କୋଠାର ଭିତ୍ତିଭୂମି ଦୁର୍ବଳ ହୋଇ ଭୁଶୁଡ଼ି ପଡ଼ିଥିବା ମଧ୍ୟ କୁହାଯାଉଛି। ବିଲ୍ଡିଂଟିରେ ୨୦-୨୫ଟି ରୁମ୍ ଥିଲା ଏବଂ ପ୍ରତ୍ୟେକ ରୁମ୍‌ରେ ୨ ଜଣ ଲେଖାଏଁ ଛାତ୍ର ରହୁଥିଲେ। ଅର୍ଥାତ୍ ଦୁର୍ଘଟଣା ସମୟରେ ଭିତରେ ୫୦ରୁ ଅଧିକ ଛାତ୍ର ଉପସ୍ଥିତ ଥିଲେ। ଦୁର୍ଘଟଣା ପରେ ଅନେକଙ୍କୁ ଉଦ୍ଧାର କରାଯାଇସାରିଛି। ଘଟଣାସ୍ଥଳରେ ଏନ୍‌ଡିଆର୍‌ଏଫ୍ (ରାଷ୍ଟ୍ରୀୟ ବିପର୍ଯ୍ୟୟ ପ୍ରଶମନ ବଳ), ଦିଲ୍ଲୀ ଅଗ୍ନିଶମ ବାହିନ. ଏବଂ ସ୍ଥାନୀୟ ପୋଲିସ ଦ୍ୱାରା ଜେସିବି ସାହାଯ୍ୟରେ ବ୍ୟାପକ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

ପ୍ରାଥମିକ ତଦନ୍ତ ଅନୁସାରେ ଏହି ବିଲ୍ଡିଂର ମାଲିକାନା ଆନନ୍ଦ ବଂଶଲ ନାମକ ଜଣେ ବ୍ୟକ୍ତିଙ୍କ ନାମରେ ରହିଥିବା ପୁଲିସ୍ ଜାଣିବା ପରେ ତାଙ୍କ ବିରୋଧରେ ମାମଲା ରୁଜୁ କରିଛି। ସେ ସମ୍ପ୍ରତି ଗୁରୁଗ୍ରାମରେ ରହୁଥିବା ଜଣାପଡ଼ିଛି। ଏସବୁ ମଧ୍ୟରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସ୍ଥାନୀୟ ଲୋକମାନେ ହାତୁଡ଼ି ସାହାଯ୍ୟରେ ଭଙ୍ଗା ଅବଶେଷ ହଟାଇବାକୁ ଚେଷ୍ଟା କରୁଛନ୍ତି। କୋଠାର ଭଙ୍ଗାରୁଜା ତଳେ କିଛି ଗାଡ଼ି ମଧ୍ୟ ଦବି ଯାଇଛି। ରିପୋର୍ଟ ଅନୁଯାୟୀ, ଦୁର୍ଘଟଣାସ୍ଥଳ କଡ଼ରେ ଥିବା ଆଉ ଏକ କୋଠା ମଧ୍ୟ ଭୁଶୁଡ଼ିବା ଅବସ୍ଥାକୁ ଚାଲିଆସିଛି। ତେବେ ସେଠାରୁ ଲୋକଙ୍କୁ ସୁରକ୍ଷିତ ଭାବେ ବାହାର କରିଦିଆଯାଇଛି।

୩ ବର୍ଷରେ ଦିଲ୍ଲୀରେ କୋଠା ଭୁଶୁଡ଼ିବାର ୧୧୩୩ଟି ଘଟଣା। ୨୦୨୨ରୁ ୨୦୨୫ ଅର୍ଥାତ୍ ୩ ବର୍ଷ ମଧ୍ୟରେ ଦିଲ୍ଲୀରେ ଏପ୍ରକାର କୋଠା ଭୁଶୁଡ଼ିବାର ୧୧୩୩ଟି ମାମଲା ସାମ୍ନାକୁ ଆସିଛି। ଏହିସବୁ ଘଟଣାରେ ୯୮ ଜଣ ଲୋକଙ୍କର ମୃତ୍ୟୁ ଘଟିଛି। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦୁର୍ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ କହିଛନ୍ତି - 'ଦିଲ୍ଲୀର ସତ୍ୟ ନିକେତନରେ କୋଠା ଭୁଶୁଡ଼ିବା ଘଟଣା ଅତ୍ୟନ୍ତ ଦୁଃଖଦାୟକ। ଆପଣାର ଲୋକଙ୍କୁ ହରାଇଥିବା ସମସ୍ତ ପରିବାର ପ୍ରତି ଆମର ଗଭୀର ସମବେଦନା। ଆହତମାନଙ୍କର ଶୀଘ୍ର ଆରୋଗ୍ୟ ପାଇଁ ମୁଁ ପ୍ରାର୍ଥନା କରୁଛି।' ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ନିଜେ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି ଏବଂ ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ପରିସ୍ଥିତି ସମ୍ପର୍କରେ ତଥ୍ୟ ନେଇଛନ୍ତି। ଦିଲ୍ଲୀ ଉପରାଜ୍ୟପାଳ ତରଣଜୀତ ସିଂହ ସନ୍ଧୁ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

# ଇଣ୍ଡୋନେସିଆରେ ଆଗ୍ନେୟଗିରି ବିସ୍ଫୋରଣ: ୫୦ ହଜାର ଫୁଟ ଉଚ୍ଚ ପର୍ଯ୍ୟନ୍ତ ଛାଇଗଲା ପାଉଁଶ



ଜାକର୍ତ୍ତା,(ଏଜେନ୍ସି): ଇଣ୍ଡୋନେସିଆର ମାଉଣ୍ଟ ଅନାକ କ୍ରାକାଟୋଆରେ ରବିବାର ଦିନ ଏକ ଶକ୍ତିଶାଳୀ ବିସ୍ଫୋରଣ ଘଟିଛି। ଆଗ୍ନେୟଗିରିରୁ ବାହାରିଥିବା ପାଉଁଶ ଏବଂ ଧୂଆଁ ପ୍ରାୟ ୫୦,୦୦୦ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ପହଞ୍ଚିଥିଲା। ବିସ୍ଫୋରଣ ପରେ ଅନେକ ଅଞ୍ଚଳ ପ୍ରଭାବିତ ହୋଇଛି। ବିମାନବନ୍ଦର ପରିଚାଳକଙ୍କ ଅନୁଯାୟୀ, ଏହି ବିସ୍ଫୋରଣ ଯୋଗୁଁ ୫୮ଟି ଆନ୍ତର୍ଜାତୀୟ ସମେତ ୩୦୦ରୁ ଅଧିକ ବିମାନ ସେବା ବାଧାପ୍ରାପ୍ତ ହୋଇଛି। ବର୍ତ୍ତମାନ ସୁଦ୍ଧା କୌଣସି ଜୀବନ କିମ୍ବା ସମ୍ପତ୍ତିର କ୍ଷତି ହୋଇଥିବା ନେଇ କୌଣସି ସୂଚନା ମିଳିନାହିଁ।

ମାଉଣ୍ଟ ଅନାକ କ୍ରାକାଟୋଆ ବିସ୍ଫୋରଣର ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଫଟୋରେ ମାଉଣ୍ଟ ଅନାକ କ୍ରାକାଟୋଆରୁ ଧୂଆଁ ବାହାରୁଥିବା ଦେଖାଯାଉଛି। ଏହି ଛବି ଇଣ୍ଡୋନେସିଆର ଭୂବିଜ୍ଞାନ ଏଜେନ୍ସି ଦ୍ୱାରା ଜାରି କରାଯାଇଛି। ପ୍ରକାଶ, ମାଉଣ୍ଟ ଅନାକ କ୍ରାକାଟୋଆ ବିସ୍ଫୋରଣରୁ ନିର୍ଗତ ପାଉଁଶ ଯୋଗୁଁ ତାଙ୍ଗେରାଙ୍ଗର ସୋଏକାର୍ଣ୍ଣୋ-ହାଟା ଅନ୍ତର୍ଜାତୀୟ ବିମାନବନ୍ଦରକୁ ବନ୍ଦ କରିବାକୁ ପଡ଼ିଥିଲା। ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିମାନବନ୍ଦରରେ ବିମାନ ଚଳାଚଳ ମଧ୍ୟ ବନ୍ଦ କରିବାକୁ ପଡ଼ିଥିଲା।

ସିଙ୍ଗାପୁର ଏୟାରଲାଇନ୍ସ ରବିବାର ଜାକର୍ତ୍ତାକୁ ଆସୁଥିବା ଏବଂ ଯାଉଥିବା ସମସ୍ତ ବିମାନ ବାତିଲ କରିଦେଇଛି। ଏୟାର ଏସିଆ ମଧ୍ୟ ଅନେକ ବିମାନ ବାତିଲ କିମ୍ବା ସମୟ ପରିବର୍ତ୍ତନ (ରି-ସିଡ୍ୟୁଲ୍) କରିଛି। ଗରୁଡ଼ ଇଣ୍ଡୋନେସିଆ ଯାତ୍ରୀମାନଙ୍କୁ ବିମାନବନ୍ଦରକୁ ଆସିବା ପୂର୍ବରୁ ସେମାନଙ୍କର ବିମାନ ସ୍ଥିତି ଏବଂ ଅଫିସିଆଲ୍ ଡିଜିଟାଲ୍ ଚ୍ୟାନେଲ୍ ଯାଞ୍ଚ କରିବାକୁ ପରାମର୍ଶ ଦେଇଛି। ଅନ୍ୟପକ୍ଷେ ଆଗ୍ନେୟଗିରିର ପାଉଁଶ ଆଖପାଖ ଅଞ୍ଚଳରେ ମଧ୍ୟ ବ୍ୟାପିଯାଇଥିବାରୁ ଇଣ୍ଡୋନେସିଆର ବିପର୍ଯ୍ୟୟ ପରିଚାଳନା ଏଜେନ୍ସି ପାଖଆଖରେ ବସବାସ କରୁଥିବା ଲୋକଙ୍କୁ ସାବଧାନ ରହିବାକୁ କହିଛି। ଲୋକଙ୍କୁ ମାସ୍କ ଏବଂ ଆଖିରେ ଚଷମା ପିନ୍ଧିବାକୁ ପରାମର୍ଶ ଦିଆଯାଇଛି।

ଅନ୍ୟପକ୍ଷେ ଅଧିକାରୀଙ୍କ କହିବାନୁସାରେ, ଅନାକ କ୍ରାକାଟୋଆ ବିସ୍ଫୋରଣରୁ ବର୍ତ୍ତମାନ ସୁନାମିର କୌଣସି ବିପଦ ନାହିଁ। ଏହି ଆଗ୍ନେୟଗିରିଟି ସେହି ସ୍ଥାନ ନିକଟରେ ଗଠିତ, ଯେଉଁଠାରେ କ୍ରାକାଟୋଆ ନାମକ ଆଗ୍ନେୟଗିରି ଥିଲା। ସୂଚନାଯୋଗ୍ୟ, ୧୮୮୩ ମସିହାରେ କ୍ରାକାଟୋଆରେ ଘଟିଥିବା ଭୟଙ୍କର ବିସ୍ଫୋରଣ ପରେ ସୁନାମି ଆସିଥିଲା। ଏଥିରେ ୩୬ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିଲା। ୨୦୧୮ ରେ ଅନାକ କ୍ରାକାଟୋଆର ବିସ୍ଫୋରଣ ଯୋଗୁଁ ମଧ୍ୟ ସୁନାମି ଆସିଥିଲା, ଯେଉଁଥିରେ ଜାଭା ଏବଂ ସୁମାତ୍ରା ଦ୍ୱୀପପୁଞ୍ଜରେ ୪୦୦ ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ପ୍ରକାଶ, ଅନାକ କ୍ରାକାଟୋଆରେ ଶୁକ୍ରବାର ବିଳମ୍ବିତ ରାତିରୁ କ୍ରମାଗତ ବିସ୍ଫୋରଣ ଘଟୁଛି। ଏହା ଜୁଲାଇ ୨ ରୁ ଆଲର୍ଟ ଲେଭଲ୍-୩ ରେ ଅଛି। ଇଣ୍ଡୋନେସିଆରେ ଏହା ଦ୍ୱିତୀୟ ସର୍ବୋଚ୍ଚ ଆଲର୍ଟ ସ୍ତର। ଏହା ବ୍ୟତୀତ ମାଉଣ୍ଟ ସେମେରୁ, ମାଉଣ୍ଟ ମେରାପି, ଲେୱୋଟୋବି ଲାକି-ଲାକି ଏବଂ ସିନାବୁଙ୍ଗ ମଧ୍ୟ ଆଲର୍ଟ ଲେଭଲ୍-୩ରେ ଅଛନ୍ତି। ରବିବାର ମାଉଣ୍ଟ ସେମେରୁରେ ମଧ୍ୟ ବିସ୍ଫୋରଣ ଘଟିଥିଲା। ଏହାଯୋଗୁଁ ଆଗ୍ନେୟଗିରିର ଚୂଳରୁ ପ୍ରାୟ ୧ କିଲୋମିଟର ଉଚ୍ଚ ପର୍ଯ୍ୟନ୍ତ ପାଉଁଶର ବାଦଲ ପହଞ୍ଚିଥିଲା।

# କାନାଡାକୁ 'ଭୁକୁଥିବା ଛୋଟ କୁକୁର' ବୋଲି କହିଲେ ବେସେଣ୍ଟ

ୱାଶିଂଟନ୍,(ଏଜେନ୍ସି): ଆମେରିକାର ଅର୍ଥମନ୍ତ୍ରୀ ସ୍କଟ୍ ବେସେଣ୍ଟ କାନାଡା ସହିତ ବାଣିଜ୍ୟ ଚୁକ୍ତି (ଟ୍ରେଡ୍ ଡିଲ୍) ବିଫଳ ହେବା ନେଇ ଅସନ୍ତୁଷ୍ଟ ଅଛନ୍ତି। ଏହି ପରିପ୍ରେକ୍ଷୀରେ ସେ କାନାଡାକୁ ଏକ ଛୋଟ କୁକୁର ସହିତ ତୁଳନା କରିଛନ୍ତି। ଫକ୍ସ ନ୍ୟୁଜକୁ ଦେଇଥିବା ଏକ ସାକ୍ଷାତକାରରେ ବେସେଣ୍ଟ ଏପରି କହିଛନ୍ତି। ବେସେଣ୍ଟ କାନାଡାକୁ ଏକ ବଡ଼ କୁକୁରକୁ ହଇରାଣ କରୁଥିବା ତଥା ଭୁକୁଥିବା ସାନ କୁକୁର ସହ ତୁଳନା କରିଛନ୍ତି। ବେସେଣ୍ଟଙ୍କ କହିବାନୁସାରେ କାନାଡା ସହିତ ବାଣିଜ୍ୟ ଯୁଦ୍ଧର ପ୍ରଭାବ ଆମେରିକାର ମୂଲ୍ୟ ଉପରେ ଅତି ସାମାନ୍ୟ ହେବ। ସେ ଅଭିଯୋଗ କରି କହିଛନ୍ତି କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି ନିଜ ଅଜ୍ଞାନତାବଶତଃ ଏକ ଭଲ ବାଣିଜ୍ୟ ଚୁକ୍ତିକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହା ପୂର୍ବରୁ ମଧ୍ୟ ବେସେଣ୍ଟ କାର୍ନିଙ୍କ ଉପରେ ଅଭିଯୋଗ ଆଣିଥିଲେ ଯେ ସେ କାନାଡାର ଅର୍ଥବ୍ୟବସ୍ଥା ପାଇଁ କ'ଣ ଭଲ, ତାହା ଭାବିବା ପରିବର୍ତ୍ତେ ନିଜର ରାଜନୈତିକ ସୁନାମ ପାଇଁ ଅଧିକ ଚିନ୍ତିତ ଅଛନ୍ତି। ତେବେ ଆମେରିକାର ଅର୍ଥମନ୍ତ୍ରୀ ବେସେଣ୍ଟଙ୍କ ଏହି ବୟାନ ଏପରି ସମୟରେ ଆସିଛି, ଯେତେବେଳେ ଗତ କିଛି ସମୟ ହେବ ତାଙ୍କର ଏବଂ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ମଧ୍ୟରେ ପରସ୍ପର ପ୍ରତି ବୟାନବାଜି ଜାରି ରହିଛି। ବାସ୍ତବରେ, ଆମେରିକା ଏବଂ କାନାଡା ମଧ୍ୟରେ ଅଗଷ୍ଟ ୧୯-୨୧ ରେ ହୋଇଥିବା ତିନି ଦିନିଆ ବାଣିଜ୍ୟ ଆଲୋଚନା ପରେ ଚୁକ୍ତି ହୋଇପାରିନଥିଲା। ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ କହିବା କଥା ଥିଲା ଯେ ଆମେରିକା ଶେଷ ମୁହୂର୍ତ୍ତରେ ଚୁକ୍ତିର ସର୍ତ୍ତଗୁଡ଼ିକୁ ବଦଳାଇ ଦେଇଥିଲା। ଅନ୍ୟପଟେ ଆମେରିକା କହିଥିଲା ଯେ ସେମାନେ ଏକ ଭଲ ଅଫର ଦେଇଥିଲେ ମଧ୍ୟ କାନାଡା ଏହାକୁ ଗ୍ରହଣ କରିନାହିଁ।

# ମଧ୍ୟପ୍ରଦେଶରେ ପୁଣି ବିଷାକ୍ତ ମଦମୃତ୍ୟୁ ବିଭୀଷିକା: ଚାଲିଗଲା ୧୨ ଜୀବନ

ଭୋପାଳ,(ଏଜେନ୍ସି): ମଧ୍ୟପ୍ରଦେଶର ସାଗର ଜିଲ୍ଲାରେ ବିଷାକ୍ତ ମଦ ପିଇ ଗତ ଦୁଇ ଦିନ ମଧ୍ୟରେ ଅତି କମରେ ୧୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୧୦ଜଣ ଏବେ ହସ୍ପିଟାଲ ବେଡ୍‌ରେ ଜୀବନ ମରଣ ସହ ଲଢ଼େଇ କରୁଥିବା ସୂଚନା ମିଳିଛି। ଏହି ଘଟଣାରେ ରାଜ୍ୟ ସରକାର ୩ ଅବକାରୀ ଅଧିକାରୀଙ୍କୁ ନିଲମ୍ବିତ କରିଛନ୍ତି ଏବଂ ଜଣେ ଅଧିକାରୀଙ୍କୁ ଲାଇନ୍-ଆଟାଚ୍ କରିଛନ୍ତି। ରାଜ୍ୟ ଅବକାରୀ କମିଶନରଙ୍କ ଦ୍ୱାରା ନିଲମ୍ବିତ ହୋଇଥିବା ଅଧିକାରୀମାନେ ହେଲେ ସାଗରର ଆସିଷ୍ଟାଣ୍ଟ କମିଶନର (ଅବକାରୀ) କୀର୍ତ୍ତି ଦୁବେ, ଆସିଷ୍ଟାଣ୍ଟ ଡିଷ୍ଟ୍ରିକ୍ଟ ଏକ୍ସସାଇଜ୍ ଅଫିସର ଦିଲୀପ ଖାଣ୍ଡାତେ, ଏବଂ ବାନ୍ଦା ସର୍କଲର ଅବକାରୀ ସବ୍-ଇନ୍ସପେକ୍ଟର ପ୍ରୋଷ୍ଟୀ ଉରେତି। ଡିଭିଜନାଲ ଫ୍ଲାଇଂ ସ୍କ୍ୱାଡ୍‌ର ଡେପୁଟି କମିଶନର ତଥା ପ୍ରଭାରୀ ନୀରଜା ଶ୍ରୀବାସ୍ତବଙ୍କୁ ଗ୍ୱାଲିୟର ମୁଖ୍ୟାଳୟରେ ଆଟାଚ୍ କରାଯାଇଛି। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଏହି ଘଟଣାରେ ଗଭୀର ଦୁଃଖ ବ୍ୟକ୍ତ କରିବା ସହ କହିଛନ୍ତି ଯେ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ଏବଂ ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସାଗର ଜିଲ୍ଲା କଲେକ୍ଟର ପ୍ରତିଭା ପାଲ କହିଛନ୍ତି ଯେ ବାନ୍ଦା ଥାନା ଅନ୍ତର୍ଗତ ଦୁଇଟି ଗାଁ ନୌରୋଜା ଏବଂ ଡୋଗ୍ରା (ଘୁଘରା) ରୁ ମିଥାଇଲ୍ ଆଲକୋହଲ୍ ସେବନ କରିଥିବା ମାମଲା ସାମ୍ନାକୁ ଆସିଛି ଏବଂ ରବିବାର (୬ ସେପ୍ଟେମ୍ବର ୨୦୨୬) ଭୋର ପ୍ରାୟ ୪.୩୦ ଟାରେ ଏହି ବିଷୟ ଜଣାପଡ଼ିଥିଲା। ତେବେ ସମସ୍ତ ମୃତକଙ୍କୁ ଚିହ୍ନଟ କରାଯାଇସାରିଛି। ମୃତକମାନଙ୍କର ଶବ ବ୍ୟବଚ୍ଛେଦ ଏବଂ ଅନ୍ୟାନ୍ୟ ଆଇନଗତ ପ୍ରକ୍ରିୟା ଜାରି ରହିଛି,' ବୋଲି ସେ କହିଛନ୍ତି। ତାଙ୍କ କହିବାନୁସାରେ ବର୍ତ୍ତମାନ ଏହି ଦୁଇଟି ଗାଁରେ ଆଉ କେହି ପ୍ରଭାବିତ ହୋଇଛନ୍ତି କି ନାହିଁ କିମ୍ବା କାହାଠାରେ କିଛି ଲକ୍ଷଣ ଦେଖାଯାଉଛି କି ନାହିଁ, ତାହା ଉପରେ ମୁଖ୍ୟ ଧ୍ୟାନ ଦିଆଯାଉଛି। ଡାକ୍ତରଙ୍କ ଏକ ଟିମ୍ ଏପରି ଲୋକଙ୍କର ସ୍କ୍ରିନିଂ କରୁଛନ୍ତି ଏବଂ ଏସ୍‌ଡିଏମ୍‌ଙ୍କ ଭଳି ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି। ଏପରି ଲୋକଙ୍କୁ ଚିହ୍ନଟ କରି ପରୀକ୍ଷା ନିରୀକ୍ଷା ପାଇଁ ବୁନ୍ଦେଲଖଣ୍ଡ ମେଡିକାଲ କଲେଜକୁ ପଠାଇବାକୁ ଚେଷ୍ଟା କରାଯାଉଛି।

ଶ୍ରୀମତୀ ପାଲ କହିଛନ୍ତି ଯେ ପ୍ରାଥମିକ ଭାବେ, ହୋଇଥିବା କିଛି ପୋଷ୍ଟମୋର୍ଟମ୍ ରିପୋର୍ଟ ଆଧାରରେ ଏହା ମିଥାଇଲ୍ ଆଲକୋହଲ୍ ସେବନ ମାମଲା ଭଳି ଜଣାପଡୁଛି। ଏହା ସହିତ ଉତ୍ତରପ୍ରଦେଶର ଲଳିତପୁରର ଏକ ବିଷାକ୍ତ ମଦ ଯୋଗାଣକାରୀ ଗ୍ୟାଙ୍ଗ୍‌ର ସଂପୃକ୍ତି ପ୍ରାଥମିକ ତଦନ୍ତରୁ ପଦାକୁ ଆସିଛି। ଅଧିକ ଧନଜୀବନ ହାନି ରୋକିବା ପାଇଁ ଚେଷ୍ଟା କରାଯାଉଛି।

ଜାତୀୟ ଚେତନା
JATIYA CHETANA



# ବିଜେପି ସରକାର ରିପିଟ୍ ନେଇ ଗୁରୁମନ୍ତ୍ର




ଭୁବନେଶ୍ୱର,(ଜା.ପ୍ର): କଟକସ୍ଥ ଜବାହାରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଶନିବାର ଠାରୁ ଆରମ୍ଭ ହୋଇଥିବା ବିଜେପିର ଦୁଇ ଦିନିଆ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରବିବାର ଶେଷ ହୋଇଛି। ଦ୍ୱିତୀୟ ଦିନରେ ବିଜେପିର ରାଷ୍ଟ୍ରୀୟ ସଂଗଠନ ମହାମନ୍ତ୍ରୀ ବି .ଏଲ .ସନ୍ତୋଷ ଯୋଗଦେଇ ଆଗାମୀ ଦିନରେ ବିଜେପି ସରକାର ଯେମିତି ଓଡ଼ିଶାରେ ରିପିଟ କରିବ ଏବଂ ଲମ୍ବା ସମୟ ଧରି ରାଜ୍ୟରେ ବିଜେପି ସରକାର କରିବ ସେନେଇ ଗୁରୁମନ୍ତ୍ର ଦେଇଥିଲେ। ସେ କହିଥିଲେ ଆମେ ଏଠାରେ କାହିଁକି ଅଛୁ। ଆମେ ଏଠାରେ କ'ଣ କରୁଛୁ। ଆମେ ଅନ୍ୟମାନଙ୍କଠାରୁ କେତେ ଭିନ୍ନ। ଏଭଳି କିଛି କାର୍ଯ୍ୟକାରିଣୀ ସଦସ୍ୟଙ୍କୁ ପ୍ରଶ୍ନ କରି ଆତ୍ମସମୀକ୍ଷା କରିବାକୁ କହିଛନ୍ତି। ଅନେକ ଦିନ ପରେ ରାଜ୍ୟରେ ଦଳ କ୍ଷମତାକୁ ଆସିଛି। ଯେଉଁଠି ବିଜେପି ସରକାର ଅଛି ସେଠି ଅନେକ ବର୍ଷ ପର୍ଯ୍ୟନ୍ତ ରିପିଟ୍ ହୋଇଛି। ମନରେ ଅହଙ୍କାର ଆଣ ନାହିଁ, ଆମେ ସାଧାରଣ ଲୋକଙ୍କୁ ସେବା ଭାବନା ରଖି କାମ କରିବାକୁ ରାଜ୍ୟ କାର୍ଯ୍ୟକାରିଣୀର ଦ୍ୱିତୀୟ ଦିବସରେ ଉଦବୋଧନ ଦେଇଥିଲେ। ଏହାଛଡ଼ା ବିଧାୟକ, ସାଂସଦ ଏବଂ ମନ୍ତ୍ରୀ ହେଲେ ମଧ୍ୟ ପ୍ରଥମ କାମ ସେବା ସମାଜର ତଳସ୍ତରରେ ରହୁଥିବା ଲୋକଙ୍କୁ ସାହାଯ୍ୟ କର। ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଗାମୀ ନିର୍ବାଚନରେ ଆହୁରି ଭଲ ପ୍ରଦର୍ଶନ କରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି ବି.ଏଲ ସନ୍ତୋଷ। ରାଜ୍ୟର କିଛି ମନ୍ତ୍ରୀଙ୍କ କାର୍ଯ୍ୟଶୈଳୀର ଉଦାହରଣ ଦେଇ ସେଥିରେ ସୁଧାର ଆଣିବା ପାଇଁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି। ଆଗାମୀ ନିର୍ବାଚନଗୁଡ଼ିକୁ ଆଖିଆଗରେ ରଖି ବି .ଏଲ ସନ୍ତୋଷ ଗୁରୁତ୍ୱାରୋପ କରିଛନ୍ତି। ପୂର୍ବରୁ ଯୋଜନା ଏବଂ ସୂକ୍ଷ୍ମ ଅନୁଧ୍ୟାନ ଉପରେ ସର୍ବାଧିକ ଗୁରୁତ୍ୱାରୋପ କରିଛନ୍ତି। ନିର୍ବାଚନୀ ସଫଳତା ପାଇଁ ଆଜିଠାରୁ ସମ୍ପୂର୍ଣ୍ଣ ସୂକ୍ଷ୍ମ, ନିଖୁଣ ଓ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି।

ଦ୍ୱିତୀୟ ଦିବସରେ ରାଜନୈତିକ ଚିଠା ପ୍ରସ୍ତାବ ପ୍ରସ୍ତୁତ ହେବା ସହ କେତେକ ନିନ୍ଦା ପ୍ରସ୍ତାବ ଆସିଛି। ଆଗାମୀ ରାଜନୀତିକ କାର୍ଯ୍ୟକ୍ରମ ଏବଂ ରୋଡ଼ ମ୍ୟାପକୁ ନେଇ ରାଜନୈତିକ ଚିଠା ପ୍ରସ୍ତାବ ପାରିତ ହୋଇଛି। କେନ୍ଦ୍ରରେ କଂଗ୍ରେସ ଏବଂ ବିଜେଡି ବିରୋଧରେ ନିନ୍ଦା ପ୍ରସ୍ତାବ ଅଣାଯାଇଛି। ବିରୋଧୀ ଦଳ ଆଚରଣକୁ କାର୍ଯ୍ୟକାରିଣୀରେ ନିନ୍ଦା କରାଯାଇଥିଲା। ଜିଡିପି ୭.୮ ପ୍ରତିଶତ ଥିଲା ବେଳେ ରାହୁଲ ଗାନ୍ଧୀ ଏବଂ ବିରୋଧୀ ଦଳ ମନ ଗଢ଼ା କାହାଣୀ କରି ୨.୬ ପ୍ରତିଶତ ଦେଖାଇଲେ। ପୂର୍ଣ୍ଣାଙ୍ଗ ବନ୍ଦେ ମାତରମକୁ ବିରୋଧ,ମହିଳା ଆରକ୍ଷଣ ବିଲକୁ ବିରୋଧ,ଦିମାଗୀ ନକ୍ସଲ ଶବ୍ଦକୁ ନେଇ କଂଗ୍ରେସ ଯେଉଁ ପ୍ରଚାର କରିଛି ସେ ବାବଦରେ ନିନ୍ଦା ପ୍ରସ୍ତାବ ଆସିଛି। ଏମ୍‌ଏମ୍‌ଡିଆର ସଂଶୋଧନକୁ ନେଇ ବିଜେଡି ଯେଉଁ ଅପପ୍ରଚାର କରୁଛି ସେନେଇ ବି ଆଲୋଚନା ହେବା ସହ ନିନ୍ଦା ପ୍ରସ୍ତାବ ଆସିଛି। ଏଫ୍‌ସିଆର୍‌ଆଇ ଚର୍ଚ୍ଚାରେ ଯିଏ ବାଧା ଦେଲା ସେ ବାବଦରେ ବି ନିନ୍ଦା ପ୍ରସ୍ତାବ ଆସିଛି। ଏହା ସହ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଧନ୍ୟବାଦ ପ୍ରସ୍ତାବ ପାରିତ କରାଯାଇଛି।

ଦୁଇ ଦିନିଆ ରାଜ୍ୟ ବିଜେପିର କାର୍ଯ୍ୟକାରିଣୀରେ ପଂଚାୟତ ପୌର ନିର୍ବାଚନ ସହିତ ସମବାୟ ନିର୍ବାଚନକୁ ଗୁରୁତ୍ୱ ଦିଆଯାଇଛି। ନିର୍ବାଚନ ପାଇଁ ପ୍ରସ୍ତୁତ ହେବାକୁ ଗୁରୁମନ୍ତ୍ର ଦେଇଛନ୍ତି କେନ୍ଦ୍ରୀୟ ନେତୃତ୍ୱ। ଏହାସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସରୁ ଏକମାସ ବ୍ୟାପି ଚାଲିବାକୁ ଥିବା ସେବା ସଂକଳ୍ପ ଅଭିଯାନକୁ ତଳସ୍ତର ପର୍ଯ୍ୟନ୍ତ ନେବାକୁ ପ୍ରସ୍ତାବ ପାରିତ ହୋଇଛି। ଦଳର ରାଜ୍ୟ ସଭାପତି ତଥା ସାଂସଦ ମନମୋହନ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକ ବର୍ଦ୍ଧନ ସିଂଦେଓ, ଓଡ଼ିଶା ପ୍ରଭାରୀ ବିଜୟ ସିଂ ପାଲ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡି, ରାଜ୍ୟ ସାଧାରଣ ସମ୍ପାଦକ ମାନସ ମହାନ୍ତି, ସାଂସଦ ଭର୍ତ୍ତୃହରି ମହତାବ, ସାଂସଦ ସମ୍ବିତ୍ ପାତ୍ର, ବିଜେପି ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ବିଧାୟକ ପ୍ରକାଶ ସେଠୀ, ପ୍ରଭାତରଞ୍ଜନ ବିଶ୍ୱାଳଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ପିୟୁସିସି, ବୀମା ନଥିଲେ ଧରିବ ଇ-ଡିଟେକ୍ସନ୍

ଭୁବନେଶ୍ୱର,(ଜା.ପ୍ର): ଗାଡ଼ି ନେଇ ରାସ୍ତାକୁ ବାହାରୁଛନ୍ତି କି ? ସାବଧାନ! ଏଣିକି ଗାଡ଼ିର ବୈଧ ପ୍ରଦୂଷଣ ପ୍ରମାଣପତ୍ର( ପିୟୁସିସି) କିମ୍ବା ବୀମା ବୈଧ ନଥିଲେ ଆଉ ଖସିବା ମୁସ୍କିଲ୍। କାରଣ ରାସ୍ତାରେ ଆପଣଙ୍କ ଗାଡ଼ି ଉପରେ ନଜର ରଖିବ ଇ-ଡିଟେକ୍ସନ୍। ଦସ୍ତାବିଜ୍ ନଥିଲେ ଇଲେକ୍ଟ୍ରୋନିକ୍ ପଦ୍ଧତିରେ ହେବ ଚିହ୍ନଟ ଏବଂ ଜାରି ହେବ ଇ-ଚାଲାଣ। ତେଣୁ ଗାଡ଼ି ନେଇ ବାହାରିବା ପୂର୍ବରୁ ପିୟୁସିସି ଓ ବୀମାର ବୈଧତା ଯାଞ୍ଚ କରିନିଅନ୍ତୁ। ଏନେଇ ଗାଡ଼ି ମାଲିକ ଓ ଚାଳକଙ୍କୁ ସଚେତନ କରିଛି ରାଜ୍ୟ ପରିବହନ ପ୍ରାଧିକରଣ। ସେପ୍ଟେମ୍ବର ୧ ତାରିଖରୁ ଇ-ଡିଟେକ୍ସନ୍ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ରାସ୍ତାରେ ଚଳାଚଳ କରୁଥିବା ପ୍ରତ୍ୟେକ ଗାଡ଼ିର ବୈଧ ପ୍ରଦୂଷଣ ପ୍ରମାଣପତ୍ର ଓ ବୀମା ବାଧ୍ୟତାମୂଳକ କରାଯାଇଛି। ଏନେଇ ରାଜ୍ୟ ପରିବହନ ପ୍ରାଧିକଣ ପକ୍ଷରୁ ଆଡଭାଇଜରୀ ଜାରି କରାଯାଇଛି। ଗାଡ଼ିର ପିୟୁସିସ ନଥିଲେ କିମ୍ବା ବୀମାର ଅବଧି ଶେଷ ହୋଇଥିଲେ ଇ-ଡିଟେକ୍ସନ୍ ସିଷ୍ଟମ୍ ଜରିଆରେ ସ୍ୱୟଂଚାଳିତ ଭାବେ ଚାଲାଣ କଟିବ। ଏଥିସହ ପୂର୍ବରୁ ଥିବା ବକେୟା ଇ-ଚାଲାଣ ପୈଠ କରିବାକୁ ମଧ୍ୟ ପରିବହନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଗାଡ଼ି ମାଲିକମାନେ ଅଧିକୃତ ସରକାରୀ ପୋର୍ଟାଲରେ ନିଜ ଗାଡ଼ିର ପିୟୁସିସ, ବୀମା ସମେତ ଅନ୍ୟ ବୈଧାନିକ ଦସ୍ତାବିଜର ସ୍ଥିତି ଯାଞ୍ଚ କରିପାରିବେ। ସେହିପରି ବକେୟା ଇ-ଚାଲାଣର ସ୍ଥିତି ମଧ୍ୟ ଜାଣିପାରିବେ। ଗାଡ଼ି ମାଲିକ ଓ ଚାଳକମାନେ ସମସ୍ତ ଆବଶ୍ୟକ ଦସ୍ତାବିଜ ଅପଡେଟ୍ ରଖିବା ସହ ପରିବହନ ନିୟମକାନୁନ ପାଳନ କରିବାକୁ ବିଭାଗ ପକ୍ଷରୁ ସଚେତନ କରାଯାଇଛି।

# ସୁଭଦ୍ରା ଟଙ୍କା ନଦେବାରୁ ସ୍ତ୍ରୀକୁ ହତ୍ୟା

ଭୁବନେଶ୍ୱର,(ଜା.ପ୍ର): ସୁଭଦ୍ରା ଟଙ୍କା ନଦେବାରୁ ସ୍ତ୍ରୀକୁ ତେଣ୍ଟାରେ ଭୂସୀ ହତ୍ୟା କରିଛି ସ୍ୱାମୀ। ଜଗତସିଂହପୁର-ସଦର ଥାନା ଅନ୍ତର୍ଗତ ଜଂକୋଟି ବଳରାମପୁର ଗାଁରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ପୁଷ୍ପଲତା ସ୍ୱାଇଁ(୩୨)। ତେବେ ପୁଲିସ ଅଭିଯୁକ୍ତ ସ୍ୱାମୀ ବାଦଲ ଓରଫ ଦିଗମ୍ବର ସ୍ୱାଇଁଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି। ସୂଚନା ମୁତାବାକ ବାଦଲ ଶନିବାର ରାତିରେ ନିଶାସକ୍ତ ଅବସ୍ଥାରେ ଘରକୁ ଫେରିଥିଲେ। ଘରେ ରାତିରେ ଖାଇ ସାରି ଶୋଇବା ପରେ ବିଳମ୍ବିତ ରାତିରେ ସ୍ତ୍ରୀ ପୁଷ୍ପଲତାଙ୍କୁ ମିଳିଥିବା ସୁଭଦ୍ରା ଟଙ୍କା ମାଗିଥିଲେ। ସବୁବେଳେ ନିଶାଶକ୍ତ ଅବସ୍ଥାରେ ରହୁଥିବା ବାଦଲ ଟଙ୍କା ନେଇ ମଦ ପିଇବେ ବୋଲି ସ୍ତ୍ରୀ କହିବା ପରେ ଆରମ୍ଭ ହୋଇଥିଲା ମହାଭାରତ। ସ୍ତ୍ରୀକୁ ଅକଥନୀୟ ଭାବରେ ମାଡ଼ ମାରିବା ଯୋଗୁ ତାଙ୍କ ଚିତ୍କାର ଶୁଣି ପୁଷ୍ପଲତାଙ୍କ ଶାଶୂ ଡାକ ପକାଇଥିଲେ ହେଁ ବାଦଲ କବାଟ ଖୋଲି ନଥିଲେ। ଘର ଭିତରେ ବାଦଲ ସ୍ତ୍ରୀ ପୁଷ୍ପଲତାଙ୍କୁ ମାଡ଼ ମାରିବା ସହିତ ଏକ ତେଣ୍ଟାରେ ତାଙ୍କ ବେକକୁ ଭୂସୀ ଦେଇଥିଲେ। ଶାଶୂଙ୍କ ଡାକ ଶୁଣି ପଡ଼ିଶା ଲୋକେ କବାଟ ଭାଙ୍ଗି ଘର ଭିତରକୁ ଯିବାରୁ ରକ୍ତାକ୍ତ ଅବସ୍ଥାରେ ପୁଷ୍ପଲତାଙ୍କୁ ଉଦ୍ଧାର କରି ଜଗତସିଂହପୁର ମେଡିକାଲ୍‌କୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ବାଦଲ ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀତାକୁ ଧରି ପୁଲିସର ଜିମା ଦେଇଥିଲେ। ପୂର୍ବରୁ ବାଦଲ ପ୍ରଥମ ସ୍ତ୍ରୀଙ୍କୁ ମାଡ଼ ମାରି ଘରୁ ବିଦା କରିଥିବା ବେଳେ ପୁଷ୍ପଲତା ତାଙ୍କର ଦ୍ୱିତୀୟ ସ୍ତ୍ରୀ। ପୂର୍ବଭଳି ବାଦଲ ସ୍ତ୍ରୀ ପୁଷ୍ପଲତାଙ୍କୁ ନିଶାସକ୍ତ ଅବସ୍ଥାରେ ଆସି ମାଡ଼ ମାରୁଥିବା ବେଳେ ଗତକାଲି ସୁଭଦ୍ରା ଟଙ୍କାକୁ ନେଇ ଏଭଳି ଘଟଣା ଘଟିଛି।

# ଯନ୍ତ୍ରୀଙ୍କୁ ବାନ୍ଧିଲା ଭିଜିଲାନ୍ସ, ମିଳିଲା ପୁଳା ପୁଳା ସମ୍ପତ୍ତି

ଭୁବନେଶ୍ୱର,(ଜା.ପ୍ର): ସରକାରୀ ଗାଡ଼ିରେ ୩ ଲକ୍ଷ ୧୫ ହଜାର ଟଙ୍କା ସହ ଶନିବାର ସନ୍ଧ୍ୟାରେ ଧରାପଡ଼ିଥିବା କେନ୍ଦ୍ରାପଡ଼ା ଡ୍ରେନେଜ ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଅନୁପମା ସାହୁଙ୍କୁ ଭିଜିଲାନ୍ସ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଚଢ଼ଉ ବେଳେ ଭିଜିଲନ୍ସ ତାଙ୍କର ପୁଳା ପୁଳା ସମ୍ପତ୍ତି ଠାବ କରିଛି। ବିଭିନ୍ନ ଡକ୍ୟୁମେଣ୍ଟ ଯାଞ୍ଚ ବେଳେ ଡିପୋଜିଟ୍ ବାବଦକୁ ସେ ୬୩ ଲକ୍ଷ ଟଙ୍କା ରଖିଛନ୍ତି। ଭୁବନେଶ୍ୱରରେ ଗୋଟିଏ ଫ୍ଲାଟ୍ ଏବଂ ଢେଙ୍କାନାଳ କାମାକ୍ଷାନଗର ମାର୍କେଟ କମ୍ପ୍ଲେକ୍ସରେ ଗୋଟିଏ ଲୁହା ରଡ୍ ଏବଂ ସିମେଣ୍ଟ ଗୋଦାମ ସହ ବଲାଙ୍ଗୀରରେ ଗୋଟିଏ ଦୋକାନ ଘର ରହିଛି। ଭୁବନେଶ୍ୱର ଉପକଣ୍ଠରେ ୧ଟି, ଅନୁଗୋଳରେ ୩ଟି ଏବଂ ଢେଙ୍କାନାଳରେ ୧ଟି ସମେତ ୫ଟି ପ୍ଲଟ୍ ରହିଛି।

ପ୍ରକାଶ ଯେ ଅନୁପମା ସାହୁ ଗତକାଲି ତାଙ୍କ ଅଫିସ ଗାଡ଼ିରେ କେନ୍ଦ୍ରାପଡ଼ାର ନୟନ ବିହାର ସ୍ଥିତ ତାଙ୍କ ବାସଭବନକୁ ଫେରୁଥିବା ବେଳେ ମାର୍ଶାଘାଇ କ୍ରସିଂ ନିକଟରେ ଜାତୀୟ ରାଜପଥ ୫୩-ଏ'ରେ ଭିଜିଲାନ୍ସ ଟିମ୍ ତାଙ୍କୁ ଅଟକାଇଥିଲା। ଯାଞ୍ଚ ବେଳେ ତାଙ୍କଠାରୁ ନଗଦ ୩ ଲକ୍ଷ ୧୫ ହଜାର ଟଙ୍କା ମିଳିଥିଲା। ପରେ କେନ୍ଦ୍ରାପଡ଼ାର ନୟନ ବିହାର ସ୍ଥିତ ଅନୁପମା ସାହୁଙ୍କ ବାସଭବନରେ ଚଢ଼ାଉ କରିଥିଲା ଭିଜିଲାନ୍ସ। ସେଠାରୁ ଭିଜିଲାନ୍ସ ନଗଦ ୪ ଲକ୍ଷ ଟଙ୍କା ପାଇଥିଲା। ମୋଟ ଉପରେ ତାଙ୍କଠାରୁ ନଗଦ ୭ ଲକ୍ଷ ୧୫ ହଜାର ଟଙ୍କା ଜବତ କରାଯାଇଛି।

ଅନୁପମା ସାହୁ ୨୦୦୩ରେ ଅନୁଗୋଳ ଜଳସେଚନ ଡିଭିଜନରେ ଜଣେ କନିଷ୍ଠ ଯନ୍ତ୍ରୀ ଭାବେ ସରକାରୀ ଚାକିରି ଆରମ୍ଭ କରିଥିଲେ। ତାଙ୍କର ପ୍ରାରମ୍ଭିକ ମାସିକ ଦରମା ୪୦୦୦ ଟଙ୍କା ଥିଲା। ୨୦୦୯ରେ ତାଙ୍କ ଚାକିରି ନିୟମିତ ହୋଇଥିଲା। ୨୦୧୬ ଡିସେମ୍ବର ମାସରେ ସେ ସହକାରୀ ଯନ୍ତ୍ରୀ ପଦକୁ ଉନ୍ନୀତ ହୋଇଥିଲେ ଓ ତାଙ୍କୁ ରେଙ୍ଗାଲି ଦକ୍ଷିଣ କେନାଲର ଢେଙ୍କାନାଳ ଡିଜାଇନ ଓ ମୋନିଟରିଂ ୟୁନିଟରେ ନିଯୁକ୍ତି ଦିଆଯାଇଥିଲା। ୨୦୨୫ ଅଗଷ୍ଟ ୧୨ ତାରିଖରେ ସେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇ ସେହିଠାରେ କାମ କରୁଥିଲେ। ୨୦୨୬ ମାର୍ଚ୍ଚ ୨ ତାରିଖରେ ତାଙ୍କୁ କେନ୍ଦ୍ରାପଡ଼ା ଡ୍ରେନେଜ ଡିଭିଜନକୁ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ବଦଳି କରାଯାଇଥିଲା। ସେବଠାରୁ ସେ ଏଠାରେ କାର୍ଯ୍ୟ କରିଆସୁଥିଲେ।

## ପୋଖରୀରେ ବୁଡ଼ି ଦୁଇ ଭଉଣୀ ମୃତ

ଭୁବନେଶ୍ୱର,(ଜା.ପ୍ର): ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ତିଲେଇମାଲ ଗାଁରେ ପୋଖରୀରେ ବୁଡ଼ି ଦୁଇ ଭଉଣୀଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଉଛନ୍ତି ଗାଁର ନୀଳକଣ୍ଠ ହଂସଙ୍କ ଦୁଇ ନାବାଳିକା ଝିଅ ଯଶୋଦା ଓ ଗୁପ୍ତେଶ୍ୱରୀ। ଯଶୋଦାଙ୍କୁ ୭ ବର୍ଷ ଓ ଗୁପ୍ତେଶ୍ୱରୀଙ୍କୁ ୬ ବର୍ଷ ହୋଇଥିଲା। ଦୁଇ ଭଉଣୀ ଗାଁର ଦର୍ଲୀ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ବହୁ ସମୟ ଧରି ସେମାନେ ପୋଖରୀରୁ ନ ଫେରିବାରୁ ସେମାନଙ୍କ ବାପା ଖୋଜିବାକୁ ଯାଇଥିଲେ। ତେବେପୋଖରୀରେ ଦୁଇ ଝିଅଙ୍କ ଶବ ଭାସୁଥିବା ଦେଖି ସେ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ସିନାପାଲି ମେଡିକାଲକୁ ପଠାଇଥିଲା।

## ଟ୍ରେନ୍ ଧକ୍କାରେ ବାପା-ପୁଅ ମୃତ

ଭୁବନେଶ୍ୱର,(ଜା.ପ୍ର): ଯାଜପୁର ଜିଲ୍ଲା ଟମକା ଥାନା ଅଞ୍ଚଳରୁ ଆସିଛି ଦୁଃଖଦ ଖବର। ନାଉବାହାଲିଠାରେ ଟ୍ରେନ୍ ଧକ୍କାରେ ବାପା ଓ ଦେଢ଼ ବର୍ଷର ଶିଶୁପୁତ୍ରଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁସାରେ ମୃତକ ହେଲେ ଦେଉଳକଣ ପଞ୍ଚାୟତ ନୟା ବଗପାଟିଆ ଗ୍ରାମର ବିଶୁ ପେଣ୍ଟଇ ଏବଂ ତାଙ୍କ ଦେଢ଼ ବର୍ଷର ଶିଶୁପୁତ୍ର ଧରମା। ଧକ୍କାର କାରଣ ଅସ୍ପଷ୍ଟ ରହିଥିବା ବେଳେ ରେଲୱେ ପୁଲିସ୍ ପକ୍ଷରୁ ଦୁର୍ଘଟଣା କିପରି ଘଟିଲା ସେନେଇ ଅଧିକ ତଦନ୍ତ ଆରମ୍ଭ ହୋଇଛି । ବାପା ଓ ଦେଢ଼ ବର୍ଷର ଶିଶୁପୁତ୍ରଙ୍କ ଏକାସାଙ୍ଗରେ ମୃତ୍ୟୁ ଘଟଣା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି।

# ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ କାର୍ଯ୍ୟନ୍ୱୟନ ସମୀକ୍ଷା

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ ପ୍ରକଳ୍ପ ସଂପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ଆନ୍ତଃ-ବିଭାଗୀୟ ସମନ୍ୱୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ ଏବଂ ସମ୍ପୃକ୍ତ ସମସ୍ତ ବିଭାଗର ସଚିବ ଓ ବିଭାଗୀୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ବିକେପିପିଇଆର୍ ପ୍ରକଳ୍ପର ଗୁରୁତ୍ୱ ଦର୍ଶାଇ ଓଡ଼ିଶାର ଆର୍ଥିକ ଅଭିବୃଦ୍ଧିର ଏହା ଏକ ପ୍ରମୁଖ 'ଗ୍ରୋଥ୍ ଇଞ୍ଜିନ୍' ଭାବେ ଭିଜନ୍ ୨୦୩୬ ଓ ୨୦୪୭ର ଲକ୍ଷ୍ୟ ପୂରଣରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିବ ବୋଲି ପ୍ରକାଶ କରିଥିଲେ। ଏକ ସମନ୍ୱିତ ଆଞ୍ଚଳିକ ବିକାଶ ଦୃଷ୍ଟିକୋଣରେ ଅଞ୍ଚଳର ଭିତ୍ତିଭୂମି, ନିବେଶ, ନିଯୁକ୍ତି ଓ ଆର୍ଥିକ ଅଭିବୃଦ୍ଧି ଘଟିବ ବୋଲି ଦୃଢ଼ ଆଶା ବ୍ୟକ୍ତ କରି ସେ ଏହାର କାର୍ଯ୍ୟାନ୍ୱୟନରେ ସମସ୍ତ ବିଭାଗର ସମନ୍ୱିତ ଓ ସମ୍ମିଳିତ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଏହି ପ୍ରକଳ୍ପର ବିଭିନ୍ନ ଅଗ୍ରଗତି ବିଷୟରେ ତଥ୍ୟ ରଖିବା ସହ ଏହାକୁ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ପ୍ରାଥମିକତା କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରି ଆଲୋଚନା ପାଇଁ ଉପସ୍ଥାପନ କରିଥିଲେ। ବିକେପିପିଇଆର ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ହାସଲରେ ଓଡ଼ିଶାର ମୋଟ ଘରୋଇ ଉତ୍ପାଦକୁ ଉଲ୍ଲେଖନୀୟ ଯୋଗଦାନ କରିବ ବୋଲି ସେ ପ୍ରକାଶ କରିବା ସହ ଆଞ୍ଚଳିକ ନିରନ୍ତର ଆର୍ଥିକ ଓ ସମାବେଶୀ ବିକାଶ ପାଇଁ ଏହା ଏକ ବୈଶ୍ୱିକ ମଡେଲ ହେବାର ଲକ୍ଷ୍ୟ ରହିଥିବା ସେ ଉଲ୍ଲେଖ କରିଥିଲେ। ଏହି ପ୍ରକଳ୍ପ ଯୋଗେ ୪୦ ଲକ୍ଷରୁ ଅଧିକ ଅଣ-କୃଷି ନିଯୁକ୍ତି ଏବଂ ୪୦୦ ବିଲିୟନ୍ ଡଲାରରୁ ଅଧିକ କର୍ପୋରେଟ୍ ନିବେଶର ଲକ୍ଷ୍ୟ ରଖାଯାଇଛି। ଏହି ମେଗା ପ୍ରକଳ୍ପର କାର୍ଯ୍ୟକାରିତା ନେଇ ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ସହଯୋଗ ସଂପର୍କିତ ଆଲୋଚନା କରାଯାଇଥିଲା। ଓଡ଼ିଶା ପାଇଁ ଏସିଆନ୍ ଡେଭେଲପମେଣ୍ଟ ବ୍ୟାଙ୍କ ଅର୍ଥ ଯୋଗାଣ ସହଯୋଗୀ ଭାବେ ପ୍ରସ୍ତାବରେ ରହିଛି। ପ୍ରକାଶ ଥାଉକି, ଏହି ପଦକ୍ଷେପକୁ ଏକ ସୁଦୃଢ଼ ଆନୁଷ୍ଠାନିକ ଢାଞ୍ଚା ଦେବା ପାଇଁ କ୍ୟାପିଟାଲ ଇକୋନୋମିକ୍ ରିଜିଅନ୍ ଡେଭେଲପମେଣ୍ଟ ଅଥରିଟିକୁ ନିକଟରେ କ୍ୟାବିନେଟ୍ ଅନୁମୋଦନ ମିଳିଛି। କର୍ତ୍ତୃପକ୍ଷ ବିକେପିପିଆର ଅଞ୍ଚଳରେ ଯୋଜନା ପ୍ରସ୍ତୁତି, ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଓ ନିବେଶ ସଂଗ୍ରହ ଭଳି କାର୍ଯ୍ୟରେ ଏକୀକୃତ ଆଞ୍ଚଳିକ ପରିଚାଳନା ବ୍ୟବସ୍ଥା ସୁନିଶ୍ଚିତ କରିବ।

ଜାତୀୟ ଚେତନା
JATIYA CHETANA

# ଭୁଲ୍ ନିଷ୍ପତ୍ତିର ପରିଣାମ

ମାନବ ସମାଜରେ ପରିବାର ହେଉଛି ବିଶ୍ୱାସ, ସ୍ନେହ, ପରସ୍ପର ପ୍ରତି ସହାନୁଭୂତି ଏବଂ ଆତ୍ମୀୟତାର ଏକ ପବିତ୍ର ଭିତ୍ତିଭୂମି। ଯେତେବେଳେ ଏହି ଭିତ୍ତିଭୂମି ସତ୍ୟ, ସ୍ୱଚ୍ଛତା ଏବଂ ନୈତିକତା ଉପରେ ପ୍ରତିଷ୍ଠିତ ହୋଇଥାଏ, ସେତେବେଳେ ପ୍ରତିକୂଳରୁ ପ୍ରତିକୂଳତମ ପରିସ୍ଥିତିରେ ମଧ ପରିବାରର ସଦସ୍ୟମାନେ ଏକାଠି ଛିଡ଼ା ହୋଇ ସଙ୍କଟର ସାମ୍ନା କରନ୍ତି। ମାତ୍ର ଯଦି ସମ୍ପର୍କର ଆରମ୍ଭ କେବଳ ମିଛ, ଛଳନା, ଅସତ୍ୟ ଏବଂ ଅବାସ୍ତବ ପ୍ରତିଶ୍ରୁତି ଉପରେ ଆଧାରିତ ହୋଇଥାଏ, ତେବେ ସମୟକ୍ରମେ ସେହି ସମ୍ପର୍କର ଅସଲ ଚେହେରା ପଦାକୁ ଆସିବା ସହ ସମ୍ପୂର୍ଣ୍ଣ ସଂସାରକୁ ଛାରଖାର କରିଦିଏ। ଏହି ସତ୍ୟଟି ଆଜିର ଆଧୁନିକ ସମାଜରେ ଅନେକ ପରିବାର ପାଇଁ ଏକ କଠୋର ଓ ହୃଦୟବିଦାରକ ବାସ୍ତବତା ପାଲଟିଛି।

ସାଧାରଣତଃ ଜଣେ ବ୍ୟକ୍ତି ନିଜର ସମଗ୍ର କର୍ମଜୀବନରେ କଠିନ ପରିଶ୍ରମ କରି ନିଜର ପରିବାରକୁ ପ୍ରତିପୋଷଣ କରିଥାଏ। ସନ୍ତାନମାନଙ୍କୁ ମଣିଷ କରିବା, ସେମାନଙ୍କର ଶିକ୍ଷା, ଦୀକ୍ଷା ଏବଂ ବାହାଘର ପାଇଁ ନିଜର ସମସ୍ତ ସୁଖ-ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇଥାଏ। ଚାକିରି କିମ୍ବା ବ୍ୟବସାୟରେ ଥିବା ପର୍ଯ୍ୟନ୍ତ ନିୟମିତ ଆୟ ଯୋଗୁଁ ସବୁ କିଛି ସୁଚାରୁରୂପେ ଚାଲିଥାଏ। ସମାଜରେ ଏବଂ ପରିବାରରେ ନିଜର ମର୍ଯ୍ୟାଦା, କର୍ତ୍ତୃତ୍ୱ ଓ ସମ୍ମାନ ବଜାୟ ରହେ। କିନ୍ତୁ ବେସରକାରୀ କ୍ଷେତ୍ରରୁ ଅବସର ନେବା ପରେ ଯେତେବେଳେ ନିୟମିତ ଦରମା ବନ୍ଦ ହୋଇଯାଏ ଏବଂ କେବଳ ସୀମିତ ଇପିଏଫ୍ ପେନ୍‌ସନ୍ କିମ୍ବା ସ୍ୱଳ୍ପ ଆୟ ମଧ୍ୟରେ ସଂସାର ଚଳାଇବାକୁ ପଡ଼େ, ସେତେବେଳେ ପ୍ରକୃତ ସମସ୍ୟାର ଆରମ୍ଭ ହୁଏ। ବାର୍ଦ୍ଧକ୍ୟଜନିତ ଶାରୀରିକ ଅସୁସ୍ଥତା, ଔଷଧ ଖର୍ଚ୍ଚ ସାଙ୍ଗକୁ ଘର ଭଡ଼ା, ବିଜୁଳି ଓ ପାଣି ବିଲ୍ ଏବଂ ଦୈନନ୍ଦିନ ନିତ୍ୟବ୍ୟବହାର୍ଯ୍ୟ ଖର୍ଚ୍ଚ ତୁଲାଇବା ଅସମ୍ଭବ ହୋଇପଡ଼େ।

ଏହିଭଳି ଅସହାୟ ସଙ୍କଟ ସମୟରେ ବାପା-ମା' ଆଶା କରନ୍ତି ଯେ ଯେଉଁ ସନ୍ତାନମାନଙ୍କ ପାଇଁ ସେମାନେ ଜୀବନସାରା ରକ୍ତପାଣି କରିଛନ୍ତି, ସେହି ପୁଅମାନେ ଆଗେଇ ଆସି ପରିବାରର ଦାୟିତ୍ୱ ନେବେ। କିନ୍ତୁ ବାସ୍ତବତା ଆଜି ଅନେକ ସ୍ଥାନରେ ଅତ୍ୟନ୍ତ ନିରାଶାଜନକ ମୋଡ଼ ନେଉଛି। ଆଜିର ପିଢ଼ି ନିଜର ସୀମିତ ଆୟ, ଦୋକାନ ବ୍ୟବସାୟରେ ମାନ୍ଦାବସ୍ଥା କିମ୍ବା ସିଜିନ୍ ଖରାପ ଥିବାର ବାହାନା ଦେଇ ନିଜର ବୃଦ୍ଧ ପିତାମାତାଙ୍କୁ ଆର୍ଥିକ ସାହାଯ୍ୟ କରିବାରୁ ଓହରିଯାଉଛନ୍ତି। ଆସନ୍ତାକାଲିର ସୁରକ୍ଷା ପାଇଁ ଗୋଚରରେ କିମ୍ବା ଅଗୋଚରରେ ପିତାମାତାଙ୍କ ବାଧ୍ୟବାଧକତାକୁ ସେମାନେ ଅଣଦେଖା କରୁଛନ୍ତି।

ସମସ୍ୟାର ଜଟିଳତା ବୃଦ୍ଧି ପାଇବା ପରେ ଯେତେବେଳେ ପରିବାରର ଗୁରୁଜନ ଓ ଆତ୍ମୀୟସ୍ୱଜନମାନେ ଏକାଠି ବସି ସମାଧାନର ବାଟ ଖୋଜନ୍ତି, ସେତେବେଳେ ଅଲଗା ହୋଇଯିବା, ଗାଁ ଘର ସଜାଡ଼ି ପିତାମାତା ଗାଁକୁ ଫେରିଯିବା କିମ୍ବା ପିତାଙ୍କ ଆଜୀବନର ସଞ୍ଚିତ ସମ୍ପତ୍ତି ଓ ଜମିବିକ୍ରି କରି ବ୍ୟାଙ୍କ ସୁଧରେ ବୃଦ୍ଧ ଦମ୍ପତି ଚଳିବା ଭଳି କଠୋର ପ୍ରସ୍ତାବମାନ ସାମ୍ନାକୁ ଆସେ। କିନ୍ତୁ ସବୁଠାରୁ ଦୁଃଖଦାୟକ କଥା ହେଉଛି, ଯେତେବେଳେ ବୋହୂମାନେ ଏବଂ ସନ୍ତାନମାନେ କେବଳ ସମ୍ପତ୍ତି, ବ୍ୟକ୍ତିଗତ ସ୍ୱାର୍ଥ ଏବଂ ଆର୍ଥିକ ଲାଭ-କ୍ଷତିକୁ ଆଖି ଆଗରେ ରଖି ନିଜର ନିଷ୍ପତ୍ତି ଶୁଣାନ୍ତି, ସେତେବେଳେ ପାରିବାରିକ ସମ୍ପର୍କର ଗଭୀରତାରେ ଥିବା ଫାଟ ସ୍ପଷ୍ଟ ବାରିହୋଇପଡ଼େ।

ଏହି ସମସ୍ତ ଗାର୍ହସ୍ଥ୍ୟ ଅଶାନ୍ତି ଓ ବିବାଦର ମୂଳରେ ରହିଛି ବିବାହ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କୁହାଯାଇଥିବା ମିଛ। ପୁଅମାନଙ୍କର ସୁନ୍ଦର ଓ ଭଲ ଘରେ ବାହାଘର କରାଇବା ପାଇଁ ଅନେକ ସମୟରେ ଅଭିଭାବକମାନେ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା, ଚାକିରିର ସ୍ଥାୟିତ୍ୱ, ପ୍ରକୃତ ରୋଜଗାର ଏବଂ ସମ୍ପତ୍ତି ବିଷୟରେ ଅତ୍ୟାଧିକ ବଢ଼ାଇ-ଚଢ଼ାଇ କିମ୍ବା ସମ୍ପୂର୍ଣ୍ଣ ଅସତ୍ୟ ତଥ୍ୟ ଦେଇଥାନ୍ତି। ପରବର୍ତ୍ତୀ ସମୟରେ ଯେତେବେଳେ ସଂସାର ଭିତରେ ଏହି ମିଛର ପରଦା ଉଠିଯାଏ, ସେତେବେଳେ ବୋହୂମାନଙ୍କ ମନରେ ପ୍ରତାରଣାର ଗଭୀର ଆଘାତ ଲାଗେ। ସେମାନେ ନିଜକୁ ନିଜ ଶ୍ୱଶୁର ଘର ଦ୍ୱାରା ପ୍ରତାରିତ ମନେ କରନ୍ତି। ଫଳସ୍ୱରୂପ, ସେମାନଙ୍କ ମନରୁ ଶ୍ୱଶୁର, ଶାଶୂ ଓ ପରିବାର ପ୍ରତି ଥିବା ଶ୍ରଦ୍ଧା ଓ ସମ୍ମାନ ଚାଲିଯାଏ। ପରିବାରର ପ୍ରତ୍ୟେକଟି ନିଷ୍ପତ୍ତିକୁ ସେମାନେ ସନ୍ଦେହ ଆଖିରେ ଦେଖନ୍ତି ଏବଂ ନିଜର ସୁରକ୍ଷା ଓ ସମ୍ପତ୍ତିର ଭାଗବଣ୍ଟାକୁ ନେଇ କଠୋର ଜିଦ୍‌ରେ ଅଟଳ ରହନ୍ତି। ଅନ୍ୟପକ୍ଷରେ, ଏହି ସମସ୍ୟା ଆମ ସମାଜର ଦ୍ରୁତ ବଦଳୁଥିବା ମାନସିକତା ଓ ପାରିବାରିକ ଢାଞ୍ଚାକୁ ମଧ ପ୍ରତିଫଳିତ କରେ। ଗୋଟିଏ ସମୟରେ ଯେଉଁ ପରିବାରରେ ପିତାଙ୍କ କଠୋର ଶାସନ, ଅନୁଶାସନ ଓ ନିର୍ଦ୍ଦେଶ ସର୍ବମାନ୍ୟ ଥିଲା, ସେଠାରେ ଆଜି ବାର୍ଦ୍ଧକ୍ୟ ଓ ଆର୍ଥିକ ଅସମର୍ଥତା ଯୋଗୁଁ ସେହି ପିତା ଅସହାୟ, ପଶ୍ଚାତ୍ତାପଗ୍ରସ୍ତ ଏବଂ ନିରୁପାୟ ହୋଇ ପଥର ଭଳି ବସିରହିବାକୁ ବାଧ୍ୟ ହେଉଛନ୍ତି। ସେହିପରି, ମା'ମାନେ ଯେଉଁମାନେ ଜୀବନସାରା ସ୍ୱାମୀଙ୍କ ପ୍ରଭାବ ଓ ଭୟରେ ନିଜର ଆକାଂକ୍ଷାକୁ ଦବାଇ ରଖୁଥିଲେ, ସେମାନେ ଆଜି ନିଜ ସନ୍ତାନମାନଙ୍କୁ ସେମାନଙ୍କ ସ୍ତ୍ରୀମାନଙ୍କ ନିଷ୍ପତ୍ତି ଓ ପ୍ରଭାବ ଆଗରେ ସମ୍ପୂର୍ଣ୍ଣ ନିରୁପାୟ ହେବାର ଦୃଶ୍ୟ ଦେଖୁଛନ୍ତି। ବାହାଘର ଭଳି ଏକ ସାମାଜିକ ଓ ନୈତିକ ସଂସ୍କାରରେ ସାମାନ୍ୟ ସ୍ୱାର୍ଥ, କ୍ଷଣସ୍ଥାୟୀ ସୁଖ କିମ୍ବା ପୁଅଙ୍କର ଭବିଷ୍ୟତ ପାଇଁ ମିଛର ଆଶ୍ରୟ ନେବା ଯେ ପରବର୍ତ୍ତୀ ସମୟରେ କେତେ ବଡ଼ ବିପତ୍ତି ଓ ଅନର୍ଥ ଆଣିପାରେ, ତାହା ବାର୍ଦ୍ଧକ୍ୟର ଏହି ନିଃସଙ୍ଗତା, ଗାର୍ହସ୍ଥ୍ୟ କଳହ ଏବଂ ଅପମାନରୁ ସ୍ପଷ୍ଟ ପ୍ରମାଣିତ ହୁଏ। ଯେଉଁ ସମ୍ପର୍କର ଭିତ୍ତିଭୂମି କପଟତା, ଛଳନା ଓ ଅସତ୍ୟ ଉପରେ ଗଢ଼ା ହୋଇଥାଏ, ତାହା ସମୟର ଆଘାତ ସହି ନପାରି ଦିନେ ନା ଦିନେ ଭାଙ୍ଗିବାକୁ ବାଧ୍ୟ। ଅତୀତର ଗୋଟିଏ ଭୁଲ୍ ନିଷ୍ପତ୍ତି ଜୀବନର ଶେଷ ମୋଡ଼ରେ କେବଳ ଅନୁତାପ, ଅସହାୟତା ଏବଂ ଗଭୀର ପାରିବାରିକ ସଙ୍କଟ ବ୍ୟତୀତ ଆଉ କିଛି ପ୍ରଦାନ କରିନଥାଏ।

# ଋଣ ନୁହେଁ ଅଧିକାର, ଏକ ସାମୟିକ ସୁବିଧା

**ଦିବ୍ୟ ରଞ୍ଜନ ମହାନ୍ତି**

ଭାରତୀୟ ଅର୍ଥବ୍ୟବସ୍ଥା ଏବଂ ସାଧାରଣ ଜନଜୀବନରେ ଋଣର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ବର୍ତ୍ତମାନର ସମୟରେ ଋଣ ପରିଶୋଧ ଏବଂ ଅନାଦେୟ ଋଣ ଅସୁଲିକୁ ନେଇ ଯେଉଁ ଚିତ୍ର ସାମ୍ନାକୁ ଆସୁଛି, ତାହା ଦେଶର ବୁଦ୍ଧିଜୀବୀ ଓ ସାଧାରଣ ନାଗରିକଙ୍କ ମଧ୍ୟରେ ଗଭୀର ଚିନ୍ତା ଓ ବିତର୍କର ବିଷୟ ପାଲଟିଛି। ନିକଟରେ ବାଇଶ ହଜାର କୋଟି ଟଙ୍କାର ବିଶାଳ ଋଣ ବାବଦକୁ ମାତ୍ର ସାଢ଼େ ଛଅ କୋଟି ଟଙ୍କା ଅସୁଲ କରାଯାଇ ମାମଲାର ରଫାଦଫା କରାଯିବା ଘଟଣା ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଅନେକ ସମାଲୋଚକ ଏହାକୁ ସାଧାରଣ ଜନତାଙ୍କ ଜମା ଟଙ୍କାର ଅପବ୍ୟବହାର ବୋଲି ଅଭିଯୋଗ କରିଛନ୍ତି। କେତେକ ତଥ୍ୟାଭିଜ୍ଞ ନାଗରିକ କାଗଜ-କଲମ ଧରି ହିସାବ କରି ଦର୍ଶାଉଛନ୍ତି ଯେ, ଏହି ଛାଡ଼ କରାଯାଇଥିବା ହଜାର ହଜାର କୋଟି ଟଙ୍କାରେ କେତେ ହଜାର ଗରୀବ ପରିବାର ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରି ହୋଇପାରିଥାନ୍ତା କିମ୍ବା ବନ୍ୟା ଓ ବିପର୍ଯ୍ୟୟ ପୀଡ଼ିତଙ୍କୁ ସହାୟତା ଯୋଗାଇ ଦିଆଯାଇପାରିଥାନ୍ତା। ଖବରକାଗଜର ପୃଷ୍ଠାରୁ ଆମେ ପ୍ରାୟତଃ ଦେଖିବାକୁ ପାଉ ଯେ ବ୍ୟାଙ୍କଗୁଡ଼ିକ ବଡ଼ ବଡ଼ କମ୍ପାନୀଗୁଡ଼ିକର ଲକ୍ଷ ଲକ୍ଷ କୋଟି ଟଙ୍କାର ଅନାଦେୟ ଋଣକୁ ବାଟାବନ ବା ଛାଡ଼ କରିଦେଉଛନ୍ତି। ଅନେକ ଶିଳ୍ପପତି ଓ ବ୍ୟବସାୟୀ କୋଟି କୋଟି ଟଙ୍କାର ଋଣ ଫାଙ୍କି ବିଦେଶକୁ ପଳାୟନ କରୁଛନ୍ତି, ଯାହା ଦେଶର ଆର୍ଥିକ ମେରୁଦଣ୍ଡକୁ ସବଳ କରିବା ପରିବର୍ତ୍ତେ ଦୁର୍ବଳ କରିଚାଲିଛି।

ଜଣେ ସାଧାରଣ ଦୋକାନୀ ଯେପରି ନିଜର ପୁରୁଣା ବାକିଦାରକୁ ପୁରୁଣା ଟଙ୍କା ନ ଶୁଝିଲେ ବି ଚଳନ୍ତି କାରବାର ଠିକ୍ ?ଠାକ୍ ଚଳାଇବାକୁ ପରାମର୍ଶ ଦିଏ, ବ୍ୟାଙ୍କଗୁଡ଼ିକ ମଧ ସେହିପରି ଅନାଦେୟ ଋଣର ହିସାବ ଖାତା ବନ୍ଦ କରି ଚଳନ୍ତି ଋଣ କାରବାର ଉପରେ ନଜର ରଖୁଛନ୍ତି। ଏହାକୁ ଅଚଳ ସମ୍ପଦ ଭାବେ ଗଣନା କରାଯାଉଥିଲେ ବି ପରୋକ୍ଷରେ ଏହା କର୍ପୋରେଟ୍ କମ୍ପାନୀମାନଙ୍କୁ ବିପୁଳ ଲାଭ ପହଞ୍ଚାଉଛି। ଏଠାରେ ସାଧାରଣ ଜନତାଙ୍କ ମନରେ ଏକ ସ୍ୱାଭାବିକ ପ୍ରଶ୍ନ ଉଠୁଛି- ଯେତେବେଳେ ଜଣେ କ୍ଷୁଦ୍ର ଚାଷୀ, ବ୍ୟବସାୟୀ କିମ୍ବା ସାଧାରଣ ନାଗରିକ ଋଣ ଖିଲାପ କରେ, ସେତେବେଳେ ବ୍ୟାଙ୍କ ତାକୁ ନିସ୍ତାର ଦିଏନାହିଁ, ବରଂ ଜବତ ଓ ନିଲାମ ଭଳି କଠୋର ଆଇନଗତ ପ୍ରକ୍ରିୟା ଆପଣାଏ। କିନ୍ତୁ ବିଶାଳ ପରିମାଣର ଋଣ ନେଇଥିବା ଧନୀ କମ୍ପାନୀଗୁଡ଼ିକ ପ୍ରତି ଏପରି କୋମଳ ଓ ନରମ ମନୋଭାବ କାହିଁକି ପ୍ରଦର୍ଶନ କରାଯାଉଛି ?

ବୋଧହୁଏ ଏହି ବାଇଶ ହଜାର କୋଟି ଟଙ୍କାର ଋଣ ମାମଲାର ଗଣିତ ଟିକିଏ ଭିନ୍ନ। ଏଠାରେ ସମ୍ପୃକ୍ତ ବ୍ୟକ୍ତି ନିଜେ ସିଧାସଳଖ ଋଣ ନ ନେଇ ଅନ୍ୟ କୌଣସି ସହଯୋଗୀ କମ୍ପାନୀ ପାଇଁ ଜାମିନଦାର ବା ଗ୍ୟାରେଣ୍ଟର ଭାବେ ଛିଡ଼ା ହୋଇଥିଲେ। ଆମ ପ୍ରାଚୀନ ଶାସ୍ତ୍ର ଓ ବୁଦ୍ଧିଜୀବୀମାନେ ଚେତାବନୀ ଦେଇଛନ୍ତି ଯେ ଅନ୍ୟର ଋଣ ପାଇଁ ଜାମିନ ପଡ଼ିବା କିମ୍ବା ମଧ୍ୟସ୍ଥତା କରିବା ଅତ୍ୟନ୍ତ ବିପଜ୍ଜନକ। କିନ୍ତୁ ଏହି ମାମଲାରେ ଜାମିନଦାର ବ୍ୟକ୍ତିଜଣକ ବାଇଶ ହଜାର କୋଟି ଟଙ୍କାର ବିଶାଳ ଆକାର ବଦଳରେ ମାତ୍ର ଛଅ କୋଟି ପଚିଶ ଲକ୍ଷ ଟଙ୍କା ଦେଇ ନିଜକୁ ମୁକ୍ତ କରିଛନ୍ତି, ଯାହା ମୂଳ ଋଣର ଶହେ ଟଙ୍କାରେ ମାତ୍ର ତିନି ପଇସା ସହ ସମାନ। ଆର୍ଥିକ ଭାଷାରେ ଏହାକୁ ଅତ୍ୟନ୍ତ ନଗଣ୍ୟ ଆଦାୟ ବା ବ୍ୟଙ୍ଗାତ୍ମକ ଭାବେ ମୁଣ୍ଡନ ରିହାତି ବୋଲି କୁହାଯାଉଛି। ଆପୋଷ ସହମତିରେ ଥରେ ଏହିପରି ଦଫାରଫା ହୋଇଗଲେ ବ୍ୟାଙ୍କଗୁଡ଼ିକ ଆଉ ଅବଶିଷ୍ଟ ଟଙ୍କା ଆଦାୟ କରିପାରନ୍ତି ନାହିଁ। ଏହା ନିଶ୍ଚିତ ଭାବେ ଜନସାଧାରଣଙ୍କ କଷ୍ଟାର୍ଜିତ ଧନର ଦୁରୁପଯୋଗ ଏବଂ ଏହାକୁ ରୋକିବା ପାଇଁ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିର ନିତାନ୍ତ ଆବଶ୍ୟକତା ରହିଛି।

ଅନ୍ୟପକ୍ଷରେ, ଆମର ବ୍ୟକ୍ତିଗତ ଓ ପାରିବାରିକ ଜୀବନରେ ଆବଶ୍ୟକତା ପୂରଣ ପାଇଁ ଆମେ ବ୍ୟକ୍ତିଗତ ଧାର, ସୁଧଯୁକ୍ତ ଘରୋଇ ଋଣ କିମ୍ବା ବ୍ୟାଙ୍କ ଋଣ ଉପରେ ନିର୍ଭର କରିଥାଉ। କିନ୍ତୁ ଋଣ ଆମର ଏକ 'ଅଧିକାର' ନୁହେଁ, ଏହା କେବଳ ଏକ 'ସୁବିଧା'- ଏହି ମୌଳିକ ସତ୍ୟକୁ ଆମକୁ ବୁଝିବାକୁ ହେବ। ଆଜିକାଲି ଅନେକ ଲୋକ ଋଣ ନେବାକୁ ନିଜର ଅଧିକାର ଭାବିଥାନ୍ତି ଏବଂ ଋଣ ନେବା ମାତ୍ରେ କେଉଁ ଫାଙ୍କ ଗଳିରେ ତାହାକୁ ଶୁଝିବାକୁ ପଡ଼ିବ ନାହିଁ, ସେହି ଚିନ୍ତାରେ ରହନ୍ତି। କାହାର ଧାର ନ ଶୁଝିବା କିମ୍ବା ଋଣ ଫାଙ୍କିବା ଏକ ନୈତିକ ଓ ଆଇନଗତ ଅପରାଧ। ସରକାର ଓ ବ୍ୟାଙ୍କଗୁଡ଼ିକ ଲୋକଙ୍କ ଜୀବନଧାରଣର ମାନ ବୃଦ୍ଧି କରିବା ପାଇଁ, ଆର୍ଥିକ ବୋଝ ଲାଘବ କରିବା ପାଇଁ ସ୍ୱୟଂସହାୟକ ଗୋଷ୍ଠୀ ଓ ବିଭିନ୍ନ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। କିନ୍ତୁ ଦୁଃଖର ବିଷୟ, ଅନେକ ଗୋଷ୍ଠୀ ଓ ବ୍ୟକ୍ତି ଏହି ଋଣ ଟଙ୍କାକୁ କୌଣସି ଉତ୍ପାଦନଶୀଳ ବ୍ୟବସାୟରେ ନ ଲଗାଇ ବେଫିକର ଭାବେ ଖର୍ଚ୍ଚ କରିଦେଉଛନ୍ତି। ଫଳସ୍ୱରୂପ, ସାପ୍ତାହିକ କିସ୍ତି ଦେବାରେ ଅସମର୍ଥ ହୋଇ ପରିବାରରେ ମାନସିକ ଅଶାନ୍ତି ଓ କଳହ ସୃଷ୍ଟି କରୁଛନ୍ତି।

ଆମର ପୂର୍ବପୁରୁଷମାନେ ସଦାସର୍ବଦା ମିତବ୍ୟୟିତା ଓ ସଞ୍ଚୟ ଉପରେ ଗୁରୁତ୍ୱ ଦେଇଆସିଛନ୍ତି। 'ଯେତିକି ଚୂନା ସେତିକି ପିଠା' ଆପ୍ତବାକ୍ୟ ଆମକୁ ନିଜର ଆୟ ଅନୁସାରେ ବ୍ୟୟ କରିବାକୁ ଶିଖାଏ। ନିଜ ସଞ୍ଚିତ ଧନରୁ କାର୍ଯ୍ୟ କରିବା ଉଚିତ, ଋଣ କରି ନୁହେଁ। ମହାକବି ସାରଳା ଦାସ ମଧ ଋଣର ଭୟାବହତା ସମ୍ପର୍କରେ ଲେଖିଛନ୍ତି ଯେ, ଋଣ ନ କଲେ ଲକ୍ଷ୍ମୀ ବାସ କରନ୍ତି ଏବଂ ଋଣ କଲେ ଲକ୍ଷ୍ମୀ ଛାଡ଼ି ଚାଲିଯାଆନ୍ତି। ଋଣର ଅମରତ୍ୱ ରହିଛି; ଗୋଟିଏ ଋଣ ଶୁଝିବା ପାଇଁ ମଣିଷ ଆଉ ଗୋଟିଏ ଋଣର ଜାଲରେ ଛନ୍ଦି ହୋଇପଡ଼େ, ଯାହା ଶେଷରେ ମାନସିକ ଅଶାନ୍ତି ଓ ଶାରୀରିକ ରୋଗର କାରଣ ହୋଇଥାଏ। ଯିଏ ଋଣକୁ ନିଜର ଅଧିକାର ଭାବେ, ସେ ପ୍ରଥମେ ସୁଧ ଦେଇ ଆର୍ଥିକ ଭାବେ ହାରେ ଏବଂ ପରେ ନିଜର ସମ୍ମାନ ହରାଇ ଦୁଇଥର ହାରିଥାଏ।

ଜଣେ ନିଷ୍ଠାପର ଓ ଦେଶପ୍ରେମୀ ନାଗରିକ କେବେ ବି ବ୍ୟାଙ୍କ ଋଣ ଫାଙ୍କିବାକୁ ଷଡ଼ଯନ୍ତ୍ର କରେ ନାହିଁ, କାରଣ ବ୍ୟାଙ୍କରେ ଥିବା ଟଙ୍କା କୌଣସି ସରକାରଙ୍କର ନୁହେଁ, ତାହା ଦେଶର କୋଟି କୋଟି ଜନସାଧାରଣଙ୍କ ସଞ୍ଚୟ। ଜନସାଧାରଣଙ୍କୁ ଠକିବା କେବେ ବି ଦେଶପ୍ରେମ ହୋଇନପାରେ। ସରକାର କ୍ଷୁଦ୍ର ଋଣଗ୍ରହିତାଙ୍କ ପାଇଁ ନିୟମ କଠୋର କରୁଥିବା ବେଳେ, ଲକ୍ଷ ଲକ୍ଷ କୋଟି ଟଙ୍କାର କର୍ପୋରେଟ୍ ଅନାଦେୟ ଋଣ ଅସୁଲି ପାଇଁ ଆହୁରି କଠୋର ଆଇନ ଓ ନୀତି ପ୍ରଣୟନ କରିବା ଜରୁରୀ। ଋଣ କେବଳ ଜରୁରୀ କାଳୀନ ଆର୍ଥିକ ସଙ୍କଟକୁ ଏଡ଼ାଇବାର ଏକ ସାମୟିକ ସୁଯୋଗ, ଏହା କଦାପି ଅଧିକାର ନୁହେଁ- ଏହି ସଚେତନତା ସମାଜର ପ୍ରତ୍ୟେକ ସ୍ତରରେ ସୃଷ୍ଟି ହେବା ଆବଶ୍ୟକ।

ସାମ୍ପ୍ରତିକ ସମୟରେ ବ୍ୟାଙ୍କିଂ ବ୍ୟବସ୍ଥାରେ ସଂସ୍କାର ଆଣିବା ନିହାତି ଜରୁରୀ ହୋଇପଡ଼ିଛି। ବୃହତ୍ ଋଣ ନେଉଥିବା କମ୍ପାନୀଗୁଡ଼ିକର ଆର୍ଥିକ ସ୍ଥିତି ଏବଂ ସେମାନଙ୍କ ଦ୍ୱାରା ଦିଆଯାଉଥିବା ସମ୍ପତ୍ତିର ପୁନଃ ମୂଲ୍ୟାଙ୍କନ କଠୋର ଭାବେ କରାଯିବା ଆବଶ୍ୟକ। ଯେତେବେଳେ କୌଣସି ଶିଳ୍ପପତି କିମ୍ବା ବ୍ୟବସାୟିକ ପ୍ରତିଷ୍ଠାନ ହଜାର ହଜାର କୋଟି ଟଙ୍କାର ଋଣ ଆବେଦନ କରନ୍ତି, ସେତେବେଳେ ସେମାନଙ୍କର ଅତୀତର ରେକର୍ଡ, ବ୍ୟବସାୟର ସାମ୍ଭାବ୍ୟ ଲାଭ ଓ କ୍ଷତି ଏବଂ ଋଣ ପରିଶୋଧର ସାମର୍ଥ୍ୟକୁ ସୂକ୍ଷ୍ମତାର ସହ ପରୀକ୍ଷା କରାଯିବା ଉଚିତ। କେବଳ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବା ଯୋଗୁଁ କିମ୍ବା କୌଣସି ନିର୍ଦ୍ଦେଶକଙ୍କ ଜାମିନଦାରି ବଳରେ ବିନା ସୁରକ୍ଷାରେ ଏତେ ବଡ଼ ଅଙ୍କର ଆର୍ଥିକ ନେଣଦେଣ କରିବା ବ୍ୟାଙ୍କିଂ କ୍ଷେତ୍ରର ସବୁଠାରୁ ବଡ଼ ଦୁର୍ବଳତା। ଜନସାଧାରଣଙ୍କ ସଞ୍ଚୟକୁ ସୁରକ୍ଷିତ ରଖିବା ପାଇଁ ସରକାର ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଆହୁରି କଠୋର ଆଇନଗତ ପଦକ୍ଷେପ ଗ୍ରହଣ କରିବାକୁ ହେବ। ଋଣ ଫାଙ୍କି ବିଦେଶ ପଳାୟନ କରୁଥିବା ବ୍ୟକ୍ତିମାନଙ୍କର ସମ୍ପତ୍ତି ବାଜ୍ୟାପ୍ତ କରିବା ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ ଓ ଆଇନଗତ ଭାବେ ଦ୍ରୁତଗାମୀ କରାଯିବା ନିହାତି ଆବଶ୍ୟକ। ବଡ଼ ବଡ଼ ସଂସ୍ଥାମାନଙ୍କ ପାଇଁ ଶହେରେ ତିନି ପଇସା ଭଳି ନଗଣ୍ୟ ଆଦାୟରେ ମାମଲା ରଫାଦଫା କରିବାର ଯେଉଁ 'ଚୂଳକଟା ରିହାତି' କିମ୍ବା ଆପୋଷ ବୁଝାମଣା ବ୍ୟବସ୍ଥା ରହିଛି, ତାହାକୁ ପୁନର୍ବିଚାର କରାଯିବା ଉଚିତ। ଏହି ନୀତି ଦ୍ୱାରା ଅସାଧୁ ବ୍ୟବସାୟୀମାନେ ପ୍ରୋତ୍ସାହିତ ହେଉଥିବା ବେଳେ ନିଷ୍ଠାପର ଋଣଗ୍ରହିତାମାନଙ୍କ ମନରେ ନିରାଶା ସୃଷ୍ଟି ହେଉଛି। ଅନ୍ୟପକ୍ଷରେ, ତୃଣମୂଳ ସ୍ତରରେ ସାଧାରଣ ନାଗରିକ, କ୍ଷୁଦ୍ର ବ୍ୟବସାୟୀ ଏବଂ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ବୃଦ୍ଧି କରିବା ପାଇଁ ସ୍ୱତନ୍ତ୍ର ସଚେତନତା ଅଭିଯାନର ଆବଶ୍ୟକତା ରହିଛି। ଋଣ କେବଳ ଜରୁରୀକାଳୀନ ପରିସ୍ଥିତିରେ କିମ୍ବା ଆୟ ବୃଦ୍ଧି କରୁଥିବା ଉତ୍ପାଦନଶୀଳ କାର୍ଯ୍ୟରେ ହିଁ ବ୍ୟବହାର ହେବା ଉଚିତ। ମାତ୍ରାଧିକ ଋଣ ନେଇ ଭୋଗବିଳାସ କିମ୍ବା ଅନୁତ୍ପାଦନଶୀଳ କାର୍ଯ୍ୟରେ ଖର୍ଚ୍ଚ କରିବା ଦ୍ୱାରା ପରିବାରରେ କେବଳ ଦୁଃଖ ଓ ମାନସିକ ଯନ୍ତ୍ରଣା ହିଁ ମିଳିଥାଏ।

ଶେଷରେ, ଏକ ସୁସ୍ଥ ଓ ସୁଦୃଢ଼ ଆର୍ଥିକ ସମାଜ ଗଠନ ପାଇଁ ଉଭୟ ସରକାର, ବ୍ୟାଙ୍କ ପ୍ରଶାସନ ଏବଂ ସାଧାରଣ ନାଗରିକଙ୍କର ମିଳିତ ପ୍ରଚେଷ୍ଟା ଆବଶ୍ୟକ। ନୈତିକତା, ଆର୍ଥିକ ଶୃଙ୍ଖଳା ଏବଂ ସତ୍ୟତା ଉପରେ ଆଧାରିତ ବ୍ୟବସ୍ଥା ହିଁ ଦେଶର ବିକାଶକୁ ଆଗେଇ ନେଇପାରିବ। ଋଣ ଶୁଝିବାକୁ ନିଜର ଆଇନଗତ ଓ ନୈତିକ କର୍ତ୍ତବ୍ୟ ଭାବେ ଗ୍ରହଣ କଲେ ହିଁ ସମାଜରେ ଶାନ୍ତି, ସମୃଦ୍ଧି ଏବଂ ଆସ୍ଥା ବଜାୟ ରହିପାରିବ।

ଜାତୀୟ ଚେତନା
JATIYA CHETANA



## ଗୁରୁଦିବସରେ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

# ଅପପ୍ରଚାରର ବଶବର୍ତ୍ତୀ ହୁଅନି

ଭୁବନେଶ୍ୱର,(ଜା.ପ୍ର): ସୋସିଆଲ୍ ମିଡିଆରେ ଅଧିକ ସମୟ ନଷ୍ଟ କରନି। ଅପପ୍ରଚାରର ବଶବର୍ତ୍ତୀ ହୁଅନି। ଏକମନ ଓ ଏକପ୍ରାଣ ହୋଇ ପାଠ ପଢ଼। ଛାତ୍ର ଭାବରେ ତୁମ ମାନଙ୍କର ପ୍ରଥମ ଦାୟିତ୍ୱ ହେଉଛି ଭଲ ପାଠ ପଢ଼ି ଦକ୍ଷତା ହାସଲ କରିବ ଏବଂ ନିଜର ଓ ଦେଶର ବିକାଶରେ ଯୋଗଦାନ ରଖିବ। ଏହା ହେଉଛି ଆମ ଶିକ୍ଷା ପ୍ରକ୍ରିୟାର ମୂଳ ଉଦ୍ଦେଶ୍ୟ। ତେଣୁ, ଅନ୍ୟ କୌଣସି ବିଷୟରେ ଯାହା ତୁମର କ୍ୟାରିୟର ଗଢ଼ିବାରେ ବାଧା ସୃଷ୍ଟି କରିବାର ସମ୍ଭାବନା ରହିଛି ସେଥିରୁ ଦୂରେଇ ରୁହ।' ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁ ଦିବସ ଅବସରରେ ଛାତ୍ରଛାତ୍ରୀଙ୍କୁ ଏଭଳି ପରାମର୍ଶ ଦେଇଛନ୍ତି। ଶନିବାର କଟକସ୍ଥିତ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲଠାରେ ଆୟୋଜିତ ଗୁରୁ ଦିବସ ସମାରୋହରେ ଯୋଗଦେଇ ପିଲାମାନଙ୍କ ସହିତ ବାର୍ତ୍ତାଳାପ କରିବା ଅବସରରେ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ନିଜର କ୍ୟାରିୟର ଗଢ଼ିବା ଉପରେ ଫୋକସ୍ କରିବାକୁ ପରାମର୍ଶ ଦେଇଛନ୍ତି। ଶିକ୍ଷକଙ୍କୁ ସମ୍ମାନ ଦେବାର ଏହି ବିଶେଷ ଦିନରେ ଛାତ୍ରଛାତ୍ରୀଙ୍କ ଗହଣରେ ସାମିଲ ହୋଇ ବେଶ୍ କିଛି ସମୟ ସେମାନଙ୍କ ସହ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀ କେବଳ ମଞ୍ଚରୁ ଭାଷଣ ଦେଇ ନଥିଲେ, ବରଂ ସିଧାସଳଖ ଛାତ୍ରଛାତ୍ରୀଙ୍କ ସହ କଥା ହୋଇ ସେମାନଙ୍କ ମତାମତ ଜାଣିଥିଲେ। ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବା ସହ ପାଠପଢ଼ା, ଶିକ୍ଷା ଏବଂ ସେମାନଙ୍କ ଅନୁଭୂତି ସମ୍ପର୍କରେ



ଆଲୋଚନା କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମ୍ପର୍କ ଉପରେ ଆଲୋକପାତ କରି ଏହା ଆଜିର ସମୟରେ ଅଧିକ ବନ୍ଧୁତ୍ୱପୂର୍ଣ୍ଣ ହେବା ଆବଶ୍ୟକ ବୋଲିକହିଥିଲେ।ଏହା ସହିତ ପିତାମାତା ଓ ଗୁରୁଜନଙ୍କ ଆଶୀର୍ବାଦ ନେଇ ସଫଳତାର ଶୀର୍ଷରେ ପହଞ୍ଚିବାକୁ ପରାମର୍ଶ ଦେଇଛନ୍ତି।

ଏହାଛଡ଼ା ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶିକ୍ଷା କେବଳ ଜ୍ଞାନ ପ୍ରଦାନ ନୁହେଁ; ଶିକ୍ଷା ହେଉଛି ମଣିଷ ଗଢ଼ିବାର ଏକ ମହାନ ପ୍ରକ୍ରିୟା ଏବଂ ଆମର ଶିକ୍ଷକମାନେ ଏହି ଗୁରୁଦାୟିତ୍ୱ ତୁଲାଇ ଆସୁଛନ୍ତି। ଗୁରୁ ଓ ଶିଷ୍ୟ ମଧ୍ୟରେ ଥିବା ପବିତ୍ର ସମ୍ପର୍କର ମହାତ୍ମ୍ୟ ପିଲାମାନଙ୍କୁ ବୁଝାଇବା ସହ ଭାରତର ପୂର୍ବତନ ରାଷ୍ଟ୍ରପତି ଡଃ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ପୁଣ୍ୟ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଭାରତୀୟ ସଂସ୍କୃତିରେ ଗୁରୁ-ଶିଷ୍ୟ ପରମ୍ପରା ଅତୁଳନୀୟ। ପ୍ରଭୁ ଶ୍ରୀରାମ, ଶ୍ରୀକୃଷ୍ଣଙ୍କଠାରୁ ଆରମ୍ଭ କରି ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଓ ସ୍ୱାମୀ ବିବେକାନନ୍ଦଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଜୀବନ ଗଠନରେ ଗୁରୁଙ୍କ ଭୂମିକା ନିର୍ଣ୍ଣାୟକ ଥିଲା। ଆଜିର ଯୁଗରେ ମଧ୍ୟ 'ମିଜାଇଲ ମ୍ୟାନ୍' ଡଃ ଏ.ପି.ଜେ. ଅବ୍ଦୁଲ କାଲାମଙ୍କ ଭଳି ମହାନ ବ୍ୟକ୍ତିତ୍ୱ ଦେଶର ସର୍ବୋଚ୍ଚ ପଦବୀରେ ଥାଇ ମଧ୍ୟ ନିଜକୁ ପ୍ରଥମେ ଜଣେ ଶିକ୍ଷକ ଭାବେ ପରିଚୟ ଦେବାକୁ ପରମ ଗୌରବ ମନେକରୁଥିଲେ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସୁଧାର ଆଣିବା ପାଇଁ ସରକାରଙ୍କ ସଂକଳ୍ପ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ 'କେଜିରୁ ପିଜି' ନିଃଶୁଳ୍କ ଶିକ୍ଷା ଯୋଜନାର ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ସାରା ଭାରତରେ ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ଶିଶୁ ବାଟିକାରୁ ଆରମ୍ଭ କରି ସ୍ନାତକୋତ୍ତର ପର୍ଯ୍ୟନ୍ତ ଶିକ୍ଷାକୁ ସାର୍ବଜନୀନ ନିଃଶୁଳ୍କ କରିଛି। ଏତଦ୍‌ବ୍ୟତୀତ ୧୨,୦୦୦ କୋଟି ଟଙ୍କା ବ୍ୟୟରେ ୨,୨୦୦ଟି ବିଶ୍ୱସ୍ତରୀୟ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ନିର୍ମାଣ କରାଯାଉଛି ଏବଂ ପ୍ରାକ୍-ବିଦ୍ୟାଳୟ ପିଲାଙ୍କ ପାଇଁ ୪୫,୦୦୦ ଶିଶୁ ବାଟିକା ଖୋଲାଯାଇଛି। ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଓ ପାଠ୍ୟପୁସ୍ତକ ଯୋଗାଣ, ଆଦିବାସୀ ପିଲାଙ୍କ ପାଇଁ 'ଶହିଦ୍ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା' ଏବଂ ଆଗାମୀ ୩ ବର୍ଷ ମଧ୍ୟରେ ୪୫,୦୦୦ ଶିକ୍ଷକ ପଦବୀ ପୂରଣ ନେଇ ସରକାରୀ ପ୍ରତିଶ୍ରୁତିବଦ୍ଧତାକୁ ସେ ଦୋହରାଇଛନ୍ତି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ 'ପଞ୍ଚସଖା ଶିକ୍ଷା ସେତୁ' ମାଧ୍ୟମରେ ପୁରାତନ ଛାତ୍ରଛାତ୍ରୀଙ୍କୁ ସାମିଲ କରି ସ୍କୁଲର ସମନ୍ୱିତ ରୂପାନ୍ତରଣ କରାଯାଉଥିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଓ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋଙ୍କ ଭଳି ପୁରାତନ ଛାତ୍ରଙ୍କ ପାଇଁ ଏହି ବିଦ୍ୟାଳୟ ଆଜି ଗର୍ବିତ। ଏହି ଭଳି ବ୍ୟକ୍ତିତ୍ୱ ଶିକ୍ଷାନୁଷ୍ଠାନର ପ୍ରକୃତ ପରିଚୟ। ଶିକ୍ଷକଙ୍କ ଅଗାଧ ଜ୍ଞାନ, ଛାତ୍ରଛାତ୍ରୀଙ୍କ ପ୍ରତିଭା, ପୁରାତନ ଛାତ୍ରଙ୍କ ଅନୁଭବ ଓ ଜନସାଧାରଣଙ୍କ ମିଳିତ ସହଯୋଗରେ ଏକ ସଶକ୍ତ, ସମୃଦ୍ଧ ଓ ଆତ୍ମନିର୍ଭର ଓଡ଼ିଶା ଗଢ଼ିତୋଳିବାକୁ ସେ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ଶିକ୍ଷାଦାନ ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବାରେ ନିଷ୍ଠାପର ସେବା ପ୍ରଦାନ କରିଥିବା ଅଶୋକ କୁମାର ଶତପଥୀ, କୁମୁଦିନୀ ଜୀ, ଶକୁନ୍ତଳା ମହାନ୍ତି, ଦୈତାରୀ ସାହୁ ଏବଂ ଜୟନ୍ତୀ ମାଝୀଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରିଛନ୍ତି। ବିଦ୍ୟାଳୟର ଗୌରବମୟ ପରମ୍ପରାକୁ ଆଗକୁ ନେବାରେ ଏହି ଆଦର୍ଶ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କର ପ୍ରମୁଖ ଭୂମିକା ରହିଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ।

ଏହି ଅବସରରେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ , ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡକ୍ଟର ଏନ୍. ତିରୁମାଲା ନାୟକ, କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଶ୍ରୀକାନ୍ତ ତରାଇ, ସେକେଣ୍ଡାରୀ ବୋର୍ଡ ସ୍କୁଲର ପ୍ରଧାନଶିକ୍ଷକ ଅଶୋକ କୁମାର ଶତପଥୀ, ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ମାର୍ଚ୍ଚ-ଏପ୍ରିଲ୍‌ରେ ପଞ୍ଚାୟତ ଭୋଟ୍ !

ଭୁବନେଶ୍ୱର,(ଜା.ପ୍ର): ଆସନ୍ତା ମାର୍ଚ୍ଚ ଶେଷ କିମ୍ବା ଏପ୍ରିଲ ପ୍ରଥମ ସପ୍ତାହରେ ହୋଇପାରେ ପଞ୍ଚାୟତ ନିର୍ବାଚନ। ଏନେଇ ସୂଚନା ଦେଇଛନ୍ତି ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ। ସେ କହିଛନ୍ତି, ପଞ୍ଚାୟତ ନିର୍ବାଚନ ନେଇ କମିଶନ ପ୍ରସ୍ତୁତ ଅଛି। ପଞ୍ଚାୟତ ନିର୍ବାଚନ ପାଇଁ ସ୍ୱତନ୍ତ୍ର ଭୋଟର ତାଲିକା ପ୍ରସ୍ତୁତି ନେଇ ଅକ୍ଟୋବର ୨୪ରୁ ନଭେମ୍ବର ୭ ଯାଏ ଘରକୁ ଘର ସର୍ଭେ କରାଯିବ। ସର୍ଭେ ପରେ ଆପତ୍ତି ଅଭିଯୋଗ ଗ୍ରହଣ କରାଯାଇ ଫେବୃଆରୀ ଦ୍ୱିତୀୟ ସପ୍ତାହ ସୁଦ୍ଧା ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ବର୍ତ୍ତମାନ ଜନଗଣନା ପ୍ରକ୍ରିୟା ଚାଲିଥିବାରୁ ଏହା ସରିବା ପରେ ହିଁ ଅର୍ଥାତ ମାର୍ଚ୍ଚ ୫ ପରେ ନିର୍ବାଚନ ତାରିଖ ଘୋଷଣା ହୋଇପାରେ। ଯଦିଓ ବର୍ତ୍ତମାନ ପଞ୍ଚାୟତଗୁଡ଼ିକର ଅବଧି ଫେବୃଆରୀରେ ସରୁଛି, ଜନଗଣନା ପାଇଁ ପଞ୍ଚାୟତ ନିର୍ବାଚନ ମାସେ ବିଳମ୍ବ ହେବ ବୋଲି ନିର୍ବାଚନ କମିଶନର କହିଛନ୍ତି। ପଞ୍ଚାୟତ ନିର୍ବାଚନ ସରିବାର ପ୍ରାୟ ମାସେ ପରେ ପୌର ନିର୍ବାଚନ ହେବ। ଯେଉଁଥିରେ ନୂଆ କରି ଘୋଷଣା ହୋଇଥିବା ଏନ୍‌ଏସି, ମ୍ୟୁନିସିପାଲିଟି, ମ୍ୟୁନିସିପାଲ୍ କର୍ପୋରେସନକୁ ସାମିଲ କରାଯିବ ବୋଲି ଶ୍ରୀ ପାଢ଼ୀ ସୂଚନା ଦେଇଛନ୍ତି।

## ଓଡ଼ିଶାର ୪ ଶିକ୍ଷକଙ୍କୁ ଜାତୀୟ ପୁରସ୍କାର

ଭୁବନେଶ୍ୱର,(ଜା.ପ୍ର): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁ ଦିବସ ଉପଲକ୍ଷେ ନୂଆଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସାରା ଦେଶର ଅସାଧାରଣ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନ କରିଛନ୍ତି।କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷା, ଉଚ୍ଚ ଶିକ୍ଷା ଏବଂ ବୈଷୟିକ ତାଲିମ କ୍ଷେତ୍ରରେ ୮୨ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଜାତୀୟ ପୁରସ୍କାର ଦିଆଯାଇଛି। ଏହି କ୍ରମରେ ଓଡ଼ିଶାର ୪ ଜଣ ଶିକ୍ଷକଙ୍କୁ ଜାତୀୟ ପୁରସ୍କାର ମିଳିଛି। ଜଗତସିଂହପୁର ଜିଲ୍ଲା ଆଳିପିଙ୍ଗଳ ଉଚ୍ଚବିଦ୍ୟାଳୟର ଶିକ୍ଷକ ପଦରାଜ ଉମାକାନ୍ତ ନାୟକଙ୍କୁ ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନ କରାଯାଇଛି । ସେହିପରି ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଶିକ୍ଷକ ମହମ୍ମଦ ଜଫର ଆଲମଙ୍କୁ ମଧ୍ୟ ଜାତୀୟ ପୁରସ୍କାର ମିଳିଛି। ଆଇଆଇଟି ଭୁବନେଶ୍ୱରର ମେଟାଲର୍ଜି ଇଞ୍ଜିନିୟରିଂ ବିଭାଗର ସହ ପ୍ରାଧ୍ୟାପକ ଡକ୍ଟର ଶ୍ରୀକାନ୍ତ ଗୋଲାପୁଡ଼ି ଏବଂ ସିଟିଟିସି ଭୁବନେଶ୍ୱରର ଶିକ୍ଷକ ପ୍ରଣବ କୁମାର ଚୌଧୁରୀ ମଧ୍ୟ ଜାତୀୟ ଶିକ୍ଷକ ପୁରସ୍କାର ପାଇଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ କହିଥିଲେ, ଆମ ସମ୍ବିଧାନରେ ଲିଖିତ ''ସୁଯୋଗର ସମାନତା'' ଆଦର୍ଶକୁ ସାକାର କରିବାର ସବୁଠାରୁ ପ୍ରଭାବଶାଳୀ ମାଧ୍ୟମ ହେଉଛି ଶିକ୍ଷା। ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ପାଠପଢ଼ା ଛାଡ଼ିବା ହାରକୁ ନଗଣ୍ୟ ସ୍ତରକୁ ହ୍ରାସ କରିବାର ସଫଳତା ଶିକ୍ଷକମାନଙ୍କ ପ୍ରୟାସ ଯୋଗୁଁ ସମ୍ଭବ ହୋଇଛି। ବିଦ୍ୟାଳୟ ଶିକ୍ଷା ହେଉଛି ଶିକ୍ଷା ବ୍ୟବସ୍ଥାର ମୂଳଦୁଆ।

## ବିଧାନସଭା ଅଧିବେଶନ ପର୍ଯ୍ୟନ୍ତ ଶିକ୍ଷକ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର,(ଜା.ପ୍ର): ମନାଇଲେ ଆଇନ ଓ ଉଚ୍ଚଶିକ୍ଷା ମନ୍ତ୍ରୀ, ଆଉ ମାନିଲେ ଶିକ୍ଷକ। ଶେଷରେ ୨୧ ଦିନ ଧରି ରାଜଧାନୀ ଭୁବନେଶ୍ୱରରେ ଚାଲିଥିବା ଶିକ୍ଷକ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ଶନିବାର ଓଡ଼ିଶା ସ୍କୁଲ୍, କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ବୈଠକ ପରେ ଆନ୍ଦୋଳନ ସ୍ଥଗିତ ନେଇ ନିଷ୍ପତ୍ତି ହୋଇଛି। ଆଠଟି ସଂଗଠନର ନେତୃବୃନ୍ଦଙ୍କୁ ନେଇ ସମନ୍ୱୟ ସମିତି ପକ୍ଷରୁ ଏକ ବୈଠକ ଡକାଯାଇଥିଲା। ଘଣ୍ଟାଏରୁ ଅଧିକ ସମୟ ଧରି ଚାଲିଥିବା ଏହି ବୈଠକରେ ଆନ୍ଦୋଳନର ପରବର୍ତ୍ତୀ ରଣନୀତି ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହାପରେ ଆନ୍ଦୋଳନକୁ ସାମୟିକ ଭାବେ ସ୍ଥଗିତ ରଖିବାକୁ ସଂଗଠନଗୁଡ଼ିକ ନିଷ୍ପତ୍ତି ନେଇଛନ୍ତି। ତେବେ ଏହା ସ୍ଥାୟୀ ଭାବେ ଆନ୍ଦୋଳନ ପ୍ରତ୍ୟାହାର ନୁହେଁ। ବିଧାନସଭା ଅଧିବେଶନ ପର୍ଯ୍ୟନ୍ତ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି ବୋଲି କୁହାଯାଇଛି।

ସ୍କୁଲ୍ ନୁହେଁ, ଗାନ୍ଧୀ ମାର୍ଗ। ଫୁଲ ନୁହେଁ, ମୁଣ୍ଡଫଟା ଖରା। ଗୁରୁପୂଜା ନୁହେଁ, ହକ୍ ପାଇଁ ଗର୍ଜନ। ସ୍କୁଲରେ ତାଲା, ରାସ୍ତାରେ ସାର। ଶନିବାର ଗୁରୁଦିବସରେ ଏମିତି ଦୃଶ୍ୟ ଥିଲା ରାଜ୍ୟର ହଜାର ହଜାର ଶିକ୍ଷକ ଶିକ୍ଷତ୍ରୀଙ୍କର। ଟିଚର୍ସ ଡେ'ରେ ରାଜରାସ୍ତାରେ ବସିଥିଲେ ଗୁରୁ। ମୁଣ୍ଡ ଉପରେ ତତଲା ଖରା, ପାଦ ତଳେ ରାଜଧାନୀର ରାଜରାସ୍ତା। ତା ଭିତରେ ହାତରେ ଛତା, ଆଉ ମୁହଁରେ ଗୋଟିଏ ଦାବି- ଅଧିକାର ନମିଳିବା ଯାଏଁ ହଟିବୁନି। ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନରେ ୨୧ ଦିନରେ ଶନିବାର ଜୋରଦାର ହୋଇଥିଲା ଆନ୍ଦୋଳନ। ଯେତେବେଳେ ପୂରା ଦେଶ ଗୁରୁ ଦିବସ ପାଳୁଥିଲା, ସେତେବେଳେ



ଖୋଲା ଆକାଶ ତଳେ ଅଧିକାର ପାଇଁ ଗର୍ଜିଥିଲେ ଓଡ଼ିଶାର ଗୁରୁ। ଲୋୟର ପିଏମଜିରେ ହଜାର ହଜାର ଶିକ୍ଷକ ଏକତ୍ରିତ ହୋଇ କରିଥିଲେ ବିଶାଳ ବିକ୍ଷୋଭ। ଅଭିଯୋଗ କରିଥିଲେ ୨୫ରୁ ୩୦ ବର୍ଷ ଧରି ଶିକ୍ଷାଦାନ କରୁଛନ୍ତି। ପିଢିଏ ପରେ ପିଢ଼ି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିଛନ୍ତି। ହେଲେ ନିଜ ଭବିଷ୍ୟତ ପାଇଁ ଆଜି ରାଜରାସ୍ତାରେ ଲଢ଼ିବାକୁ ପଡୁଛି।

ତେବେ ଶନିବାର ଆନ୍ଦୋଳନସ୍ଥଳରେ ପହଞ୍ଚି ଖୁବଶୀଘ୍ର ସେମାନଙ୍କ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ଆଇନମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀ। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଖୁବ ଶୀଘ୍ର ନିଷ୍ପତ୍ତି ନିଆଯିବ। କମିଟିର ରିପୋର୍ଟର ତର୍ଜମା କରି ସରକାର ନିଷ୍ପତ୍ତି ନେବେ। ରିପୋର୍ଟର ତର୍ଜମା ନ କରି ସରକାର ନିଷ୍ପତ୍ତି ନେଇ ପାରିବେନି। ଆପଣମାନେ ବିଶ୍ୱାସକୁ ନେଇ ଆନ୍ଦୋଳନ ବନ୍ଦ କରି ଘରକୁ ଫେରନ୍ତୁ। ସମସ୍ୟା ପ୍ରାୟ ୨୦ ବର୍ଷର, ସରକାର ସମ୍ବେଦନଶୀଳ ଅଛନ୍ତି ବୋଲି ଶ୍ରୀ ହରିଚନ୍ଦନ କହିଥିଲେ।

ସେହିଭଳି ଅନ୍ଦୋଳନସ୍ଥଳରେ ପହଞ୍ଚିଥିବା ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଥିଲେ ଯେ ଖୁବ କମ୍ ସମୟରେ ସମସ୍ୟାର ସମାଧାନ ହେବ। କମିଟି ରିପୋର୍ଟ ସରକାରଙ୍କ ହସ୍ତକ୍ଷେପ ହୋଇ ସାରିଛି। ୮ ଶହ ପୃଷ୍ଠାର ୭୯ଟି ରିପୋର୍ଟ ଆମର ହସ୍ତଗତ ହୋଇଛି। କମ୍ ସମୟ ଭିତରେ ରାଜ୍ୟ ସରକାର ନିଷ୍ପତ୍ତି ନେବେ। ଏକ ପ୍ରତିନିଧି ମଣ୍ଡଳୀ ଆସି ଆମ ସହ ଆଲୋଚନା କରନ୍ତୁ। ଆମେ ପ୍ରତିନିଧି ମଣ୍ଡଳୀ ସହ ବିସ୍ତୃତ ଭାବେ ଆଲୋଚନା କରିବୁ ବୋଲି ଉଚ୍ଚ ଶିକ୍ଷାମନ୍ତ୍ରୀ କହିଥିଲେ।

ଜାତୀୟ ଚେତନା
JATIYA CHETANA





# ଭିନ୍ନ ଦର୍ଶନ

**ସୁନନ୍ଦା ମହାନ୍ତି**
ସାକ୍ଷୀଗୋପାଳ, ପୁରୀ, ମୋ: ୯୦୪୦୯୭୭୩୨୭

ଜୀବନର ବିଚିତ୍ର ଗତିପଥରେ କେତେବେଳେ ଯେ କେଉଁ ସମ୍ପର୍କ କିପରି ଅଭାବନୀୟ ରୂପ ନିଏ, ତାହା କଳନା କରିବା ଅସମ୍ଭବ। ଅଶୋକଙ୍କ ଅକାଳ ବିୟୋଗ ପରେ ବିନି ନିଜ ଜୀବନର ସବୁଠାରୁ ଗହନ ଅନ୍ଧକାର ଓ ହତାଶା ଭିତରେ ଗତି କରୁଥିଲା। ବିବାହର ମାତ୍ର କେଇଟା ମାସ ମଧ୍ୟରେ କ୍ୟାନ୍ସର ଭଳି ମାରାତ୍ମକ ରୋଗ ଅଶୋକଙ୍କୁ ସଦାଦିନ ପାଇଁ ଛଡ଼ାଇ ନେଇଥିଲା। ଶାଶୂ-ଶ୍ୱଶୁର ନଥିବା ସେହି ସଂସାରରେ ଆସନ୍ନ ବିପଦକୁ ଦେଖି ବିନି ନିଜର ସମସ୍ତ ଶକ୍ତି ଖଟାଇ ଦେଇଥିଲା। ନିଜର ସମସ୍ତ ସମ୍ପତ୍ତି, ଜମିବାଡ଼ି, ସୁନା-ଅଳଙ୍କାର ଓ ଘରର ବ୍ୟବହାର୍ଯ୍ୟ ସାମଗ୍ରୀ ବିକିଦେଇ ମଧ୍ୟ ସେ ନିଜ ସ୍ୱାମୀଙ୍କୁ ବଞ୍ଚାଇ ପାରିନଥିଲା। ଡାକ୍ତରମାନେ ହାତ ଟେକି ଦେବା ପରେ ମଧ୍ୟ ବିନିର ମନରେ କୌଣସି ଅଲୌକିକ ପରିବର୍ତ୍ତନର ଆଶା ଥିଲା। କିନ୍ତୁ ଅଶୋକ ନିଜର ଆସନ୍ନ ମୃତ୍ୟୁକୁ ସହଜରେ ଗ୍ରହଣ କରିନେଇଥିଲେ। ଆଖି ବୁଜିବା ପୂର୍ବରୁ ସେ ବିନିକୁ କହିଥିଲେ ଯେ ଆସନ୍ତା ବର୍ଷର ଦୀପାବଳି ଆଲୋକ ସେ ନିଜେ ଦେଖିପାରିବେ ନାହିଁ ସତ, କିନ୍ତୁ ନିଜର ଆଖି ଦୁଇଟି ମାଧ୍ୟମରେ ସେହି ଆଲୋକ ଦେଖିବାର ବ୍ୟବସ୍ଥା କରିସାରିଛନ୍ତି। ଅଶୋକଙ୍କ ଅନ୍ତିମ ଇଚ୍ଛା ଅନୁସାରେ, ତାଙ୍କ ମୃତ୍ୟୁ ପରେ ସେହି ହସ୍ପିଟାଲରେ ଏକ ଦୁର୍ଘଟଣାରେ ନିଜର ଦୃଷ୍ଟିଶକ୍ତି ହରାଇଥିବା ଡାକ୍ତରୀ ଛାତ୍ର ସରୋଜଙ୍କୁ ଚକ୍ଷୁ ଦାନ କରାଯାଇଥିଲା।

ସ୍ୱାମୀଙ୍କୁ ହରାଇ ବିନି ନିଜ ବାପା-ମାଆଙ୍କ ପାଖକୁ ଫେରିଆସିଥିଲା, କିନ୍ତୁ ଅଶୋକଙ୍କ ଶେଷ ଶବ୍ଦଗୁଡ଼ିକ ତା'ର ଶିରାପ୍ରଶିରାରେ ଅନବରତ ଗୁଞ୍ଜରିତ ହେଉଥିଲା। ଅନ୍ୟପଟେ, ଅସ୍ତ୍ରୋପଚାର ସଫଳ ହେବା ପରେ ଆଖିରୁ ବ୍ୟାଣ୍ଡେଜ୍ ଖୋଲିବା ଦିନ ସରୋଜ ବିନିକୁ ସମସ୍ତଙ୍କ ଭିତରେ ବ୍ୟାକୁଳ ହୋଇ ଖୋଜୁଥିଲେ। ମାତ୍ର ବିନି ସ୍ୱାମୀଙ୍କ ଆଖିଧାରୀ ବ୍ୟକ୍ତିଙ୍କ ସମ୍ମୁଖକୁ ଯିବାକୁ ନିଜକୁ ପ୍ରସ୍ତୁତ କରିପାରିନଥିଲା। ଝିଅର ମନକୁ ହାଲୁକା କରିବା ପାଇଁ ଏବଂ ତା'ର ଜନ୍ମଦିନ ପାଇଁ ନୂଆ ଶାଢ଼ୀ କିଣିବାକୁ ବାପା-ମାଆ ତାକୁ ଏକ ମଲ୍‌କୁ ନେଇଯାଇଥିଲେ। ସେଠାରେ ଅଚାନକ ସରୋଜଙ୍କ ସହ ସାକ୍ଷାତ ହୋଇଥିଲା। ସରୋଜ ବିନିଙ୍କୁ ପୂର୍ବରୁ କେବେ ଦେଖିନଥିଲେ ମଧ୍ୟ ସେ ନୀଳ ରଙ୍ଗର ଶାଢ଼ୀ ବାଛିଦେଇ ବିନିଙ୍କ ଆସନ୍ତା ଜନ୍ମଦିନ ବିଷୟରେ କହି ସମସ୍ତଙ୍କୁ ଚକିତ କରିଦେଇଥିଲେ। ଅଶୋକଙ୍କ ସ୍ମୃତି ଓ ସରୋଜଙ୍କ କଥାବାର୍ତ୍ତାର ଏହି ବିଚିତ୍ର ସଂଯୋଗ ବିନିକୁ ଗଭୀର ଭାବେ ଆନ୍ଦୋଳିତ କରିଥିଲା।

ଏହି ସମୟରେ ବିନିଙ୍କ ଘରକୁ କାମ କରିବାକୁ ଆସୁଥିବା ଫୁଲ ଅପାର ଜୀବନ କାହାଣୀ ମଧ୍ୟ ଏକ କରୁଣ ରୂପ ନେଇଥିଲା। ସ୍ୱାମୀ ନକୁଳଙ୍କ ମୃତ୍ୟୁ ପରେ ଫୁଲ ନିଜର ଆଠ ବର୍ଷର ପୁଅ ଚନ୍ଦ୍ରକୁ ବାସନ ମାଜି ବହୁ କଷ୍ଟରେ ପାଳୁଥିଲା। ପୁଅକୁ ପାଠ ପଢ଼ାଇ ମଣିଷ କରିବାର ସ୍ୱପ୍ନ ତା' ଆଖିରେ ଥିଲା। ସ୍ଥାନୀୟ ଟ୍ରଲିବାଲା ମକରାର କୁଦୃଷ୍ଟି ଓ ବିଦ୍ରୂପକୁ ସେ ଦୃଢ଼ତାର ସହ ସାମ୍ନା କରୁଥିଲା। ମାତ୍ର ଦୀପାବଳି ପୂର୍ବରୁ ଗୋଟିଏ ସନ୍ଧ୍ୟାରେ ଆଞ୍ଚଳିକ ଜଙ୍ଗଲରୁ ବାଘ ଆସିବା ଖବର ମଧ୍ୟରେ ଚନ୍ଦ୍ର ହଠାତ୍ ନିଖୋଜ ହୋଇଯାଇଥିଲା। ପୁଅକୁ ହରାଇବା ଦୁଃଖ ଏବଂ ମକରାର ଅସଂବେଦନଶୀଳ କଟାକ୍ଷରେ ଅତିଷ୍ଠ ହୋଇ ଫୁଲ ତାକୁ ଆକ୍ରମଣ କରି ଜେଲ୍ ଯାଇଥିଲା। ଜେଲ୍‌ରେ ଥିବା ସମୟରେ ଜେଲରଙ୍କ ସାହାଯ୍ୟରେ ସେ ଅନ୍ୟ ଶିଶୁ ଅପରାଧୀଙ୍କ ସେବା କରି ନିଜ ମାତୃତ୍ୱକୁ ଶାନ୍ତି ଦେଉଥିଲା। ପରବର୍ତ୍ତୀ ସମୟରେ କୋର୍ଟରୁ ନିର୍ଦ୍ଦୋଶରେ ଖଲାସ ହୋଇ ଫୁଲ ବାହାରକୁ ଆସିବା ପରେ ଜାଣିବାକୁ ପାଇଲା ଯେ ନଈକୂଳରେ କୁମ୍ଭୀର ଟାଣିନେବା ଯୋଗୁଁ ମକରାର ସ୍ତ୍ରୀ ମରିଯାଇଛି ଏବଂ ତା'ର ଝିଅ ସାବି ମାଆ-ଛେଉଣ୍ଡ ହୋଇପଡ଼ିଛି। ମକରାର ଅନୁତାପ ଏବଂ ସାବିର ଆକୁଳ ମାଆ ଡାକ ଶୁଣି ଫୁଲ ନିଜର ସମସ୍ତ ଅଭିମାନ ଭୁଲି ସାବିକୁ ନିଜ ନିଜର ଝିଅ ଭାବେ ଗ୍ରହଣ କରିନେଇଥିଲା।

ଫୁଲ ଅପାର ଏହି ଅସୀମ ଦୁଃଖ, ସହନଶୀଳତା ଓ ତ୍ୟାଗ ବିନିକୁ ନିଜ ଦୁଃଖ ଭୁଲିବାକୁ ନୂତନ ବଳ ଦେଇଥିଲା। ମହାନ ପୁରୁଷଙ୍କ ବାଣୀ ପରି, ଅନ୍ୟର ବଡ଼ ଦୁଃଖ ସାମ୍ନାରେ ନିଜ ଦୁଃଖ ଅତି ନଗଣ୍ୟ ପ୍ରତୀତ ହୁଏ। ଏହା ମଧ୍ୟରେ ସରୋଜଙ୍କ ପରିବାର ତରଫରୁ ବିନିଙ୍କ ସହ ବିବାହ ପାଇଁ ପ୍ରସ୍ତାବ ଆସିଥିଲା। ରବିବାର ଦିନ ସରୋଜ ନିଜ ପରିବାର ସହ ବିନିଙ୍କ ଘରକୁ ଆସିଥିବା ବେଳେ ଆଲୋଚନା ଶେଷରେ ବିନି ସରୋଜଙ୍କୁ ଏକାନ୍ତକୁ ଡାକିଥିଲେ। ବିନି ନିଜ ଗର୍ଭରେ ଅଶୋକଙ୍କ ସନ୍ତକ ସାତ ମାସର ଭ୍ରୂଣକୁ ବହନ କରୁଥିବା କଥା ପ୍ରକାଶ କରିବା ସହ ସରୋଜଙ୍କୁ ଏକ ଅଭୂତପୂର୍ବ କଥା କହିଥିଲେ।

ବିନି ସରୋଜଙ୍କୁ ବୁଝାଇଥିଲେ ଯେ ତାଙ୍କ ଗର୍ଭରେ ବଢ଼ୁଥିବା ସନ୍ତାନ ତାଙ୍କର ପ୍ରଥମ ସନ୍ତାନ ନୁହେଁ; ବରଂ ଅଶୋକଙ୍କ ଦୃଷ୍ଟିଶକ୍ତି ଓ ଅଂଶ ପ୍ରାପ୍ତ ହୋଇଥିବାରୁ ସରୋଜ ହିଁ ତାଙ୍କର ପ୍ରଥମ ସନ୍ତାନ ଓ ଜ୍ୟେଷ୍ଠ ପୁତ୍ର। ବଡ଼ ଭାଇ ହିସାବରେ ଆସନ୍ତା ଶିଶୁର ରକ୍ଷାକର୍ତ୍ତା ହେବା ସରୋଜଙ୍କର ପ୍ରଥମ କର୍ତ୍ତବ୍ୟ। ବିନିଙ୍କ ଏହି ଅପୂର୍ବ, ଅଲୌକିକ ଓ ତ୍ୟାଗପୂର୍ଣ୍ଣ ଜୀବନ ଦର୍ଶନ ଶୁଣି ସରୋଜ ଭାବବିହ୍ୱଳ ହୋଇ ବିନିଙ୍କୁ ମାଆ ବୋଲି ସମ୍ବୋଧନ କରି ତାଙ୍କ ପାଦ ଛୁଇଁ ପ୍ରଣାମ କରିଥିଲେ। ଦୁଇ ପରିବାରର ସମସ୍ତ ଗୁରୁଜନ ଏହି ଅପୂର୍ବ ଦୃଶ୍ୟ ଦେଖି ସ୍ତବ୍ଧ ଓ ବିମୋହିତ ହୋଇଯାଇଥିବା ବେଳେ, ପଛରେ ଛିଡ଼ା ହୋଇଥିବା ଫୁଲ ଅପା ଆନନ୍ଦରେ ତାଳି ମାରିଚାଲିଥିଲା।

# ଉତ୍ସବ



ସେନା ଆଉ ପ୍ରଶାସନର ଦୁଇଦିନର ଅକ୍ଲାନ୍ତ ପରିଶ୍ରମ ପରେ ନଳକୂପ ପାଇଁ ଖୋଳା ହେଉଥିବା ଷାଠିଏ ଫୁଟ୍ ଗହୀର ଗାତରେ ଖସିପଡିଥିବା ସେଇ ଛୋଟ ପିଲା ପ୍ରିନ୍ସକୁ ଶେଷରେ ଅକ୍ଷତ ଅବସ୍ଥାରେ ଉଦ୍ଧାର କରାଯାଇପାରିଲା । ସେଠାରେ ଉପସ୍ଥିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ଜିଲ୍ଲାର ବିଭିନ୍ନ ପଦସ୍ଥ ଅଧିକାରୀମାନେ ଆଶ୍ୱସ୍ତ ହେଲେ। ପିଲାଟିର ପିତାମାତାଙ୍କ ଖୁସି ତ ଭାଷାରେ ବର୍ଣ୍ଣନା କରିହେବନାହିଁ। ଉପସ୍ଥିତ ଦେଖଣାହାରୀଙ୍କ ଆଖିରୁ ବି ଝରି ଆସିଥିଲା ଆନନ୍ଦର ଲୁହ କେଇବୁନ୍ଦା। ଏହି ଅଭିଯାନରେ ସାମିଲ ହୋଇଥିବା ପତ୍ୟେକଟି ବ୍ୟକ୍ତିବିଶେଷଙ୍କୁ ସମସ୍ତେ ଭୁରିଭୁରି ପ୍ରଶଂସା କରିବାକୁ ଲାଗିଲେ।

ବିଭିନ୍ନ ଇଲେକ୍‌ଟ୍ରୋନିକ୍ ମିଡିଆ ଦୁଇଦିନ ଧରି ଏହି ଘଟଣାର ସିଧା ପ୍ରସାରଣ ନିରବଚ୍ଛିନ ଭାବରେ କରିଚାଲିଥିଲେ ଯାହାକୁ ସାରା ଦେଶବାସୀ ଅତି ଉତ୍ସୁକତାର ସହ ଦେଖିଚାଲିଥିଲେ। ପିଲାଟି ଉଦ୍ଧାର ହେବା ପରେ ମୁଖ୍ୟମନ୍ତ୍ରୀ ମହୋଦୟ ସେ ସ୍ଥାନରୁ ବିଦାୟ ନେଇ ଚାଲିଯିବା ପରେ ପରେ ଗହଳଚହଳ ଧୀରେଧୀରେ କମିବାକୁ ଲାଗିଲା । କିଛି ମୁହୂର୍ତ୍ତ ପୂର୍ବରୁ ଯେଉଁଠି କିଛି ଏକ ଉତ୍ସବ ପାଳନ ହେବା ପରି ଜଣାଯାଉଥିଲା, ଏବେ ଫାଙ୍କା ଫାଙ୍କା ଲାଗିଲା। ଟିଭି ସମ୍ବାଦଦାତାମାନେ ନିଜ ନିଜର ଆନୁସଙ୍ଗିକ ଯନ୍ତ୍ରପାତି ପ୍ୟାକ୍ କରିବାକୁ ଲାଗିଲେ। ସେମାନଙ୍କ ମୁହଁରୁ ପୂର୍ବର ସେଇ ସରସତା କମିକମି ଆସୁଥିଲା। ସେ ସ୍ଥାନରୁ ବିଦାୟ ନେଇ ଚାଲିଯିବାକୁ ପ୍ରସ୍ତୁତ ହେଉଥିବା ସମୟରେ ଜଣେ ସାମ୍ବାଦିକଙ୍କ ପାଖରେ ପହଞ୍ଚିଲା ଜଣେ ଗାଉଁଲି ଯୁବକ।

"ଆଜ୍ଞା, ଆମ ଗାଁରେ ବି ଏମିତି... ।" ଏତକ ଶୁଣିଲା ମାତ୍ରେ ସାମ୍ବାଦିକଙ୍କ ଝାଉଁଳି ଆସୁଥିବା ମୁହଁରେ ହଠାତ୍ ଚମକ ଆସିଗଲା

"କ'ଣ କହୁଛ ତୁମେ ? ତୁମ ଗାଁରେ ଏମିତି ଗୋଟେ ଛୁଆ ବୋରିଂୱେଲ୍ ଗାତରେ ଖସିପଡ଼ିଛି ?"

"ନାହିଁ ଆଜ୍ଞା...।" ଏତିକି ଶୁଣିବା ମାତ୍ରେ ସାମ୍ବାଦିକଙ୍କ ମୁହଁ ପୁଣି ଶୁଖିଗଲା।

"ଆଉ ତେବେ କ'ଣ ହୋଇଛି ?"

"ଆମ ଗାଁରେ ଏମିତି ଏକ ଦରଖୋଲା ଗାତ ରହିଛି ବହୁତ ଦିନରୁ।"

"ତ...ମୁଁ କ'ଣ କରିବି ? ମୋତେ କାହିଁକି କହୁଛ ଏ କଥା ?"

"ଆପଣଙ୍କ ଚାରିଆଡ଼େ ଚିହ୍ନା ପରିଚୟ ରହିଛି ତ। ଆପଣ କହିଲେ ହୁଏତ ସରକାର ସେ ଗାତଟିକୁ ବନ୍ଦ କରିଦେଇପାରନ୍ତି। ନହେଲେ, କିଏ ଜାଣିଛି କେତେବେଳେ କୋଉ ପିଲା ସେ ଗାତରେ ଖସିପଡ଼ିବ।"

ସାମ୍ବାଦିକଙ୍କ ମୁହଁ ପୁଣିଥରେ ଝଲସି ଉଠିଲା । ସେ ଟିକେ ଏପାଖସେପାଖ ଦେଖିଲେ। ବେଶ୍ ସତର୍କତାର ସହିତ ସେ ଗାଉଁଲି ଯୁବକକୁ କହିଲେ, "ବାଃ, ସୁନ୍ଦର ଖବରଟିଏ ଦେଲ। ତେବେ ଶୁଣ, ତୁମ କହିବା ଅନୁସାରେ ମୁଁ ଯେତିକି ଯାହା କରିବା କଥା କରିବି । କିନ୍ତୁ ମନେରଖିଥାଅ। ତା' ପୂର୍ବରୁ ଯଦି ସେହି ଗାତରେ ପିଲାଟିଏ ଖସିପଡ଼େ, ତେବେ ପହିଲେ ତୁମେ ମୋତେ ହିଁ ତୁରନ୍ତ ଖବର ଦେବ। ଏଇ ନିଅ ମୋ କାର୍ଡ। ଏଥିରେ ମୋ ନାମ ଆଉ ଫୋନ୍ ନମ୍ବର ରହିଛି। ଖବରଦାର, ମୋ ବ୍ୟତୀତ ଆଉ କାହାକୁ ଏ ଖବର ଦେବନି । ମୁଁ ତୁମକୁ ପୁରସ୍କାରର ବ୍ୟବସ୍ଥା ବି କରାଇଦେବି।"

**ସୋନାଲି ଦିଗଲ,** କଣ୍ଟିଲୋ, ନୟାଗଡ଼

## ମନଟି ରଖିବା ସ୍ଥିର

ବିଚଳିତ ହେଲେ ମନଟି ଆମର
କିଛି ହୁଏନାହିଁ କାମ
ଦେଶ, ଜାତି ପାଇଁ କିଛି ନ କରିଲେ
ଅରଜିବା କିବା ନାମ
ମନଟି ରଖିବା ସ୍ଥିର,
ଠିକଣା ବେଳରେ କାମ କରୁଥିଲେ
ସରଗ ହୋଇବ ଘର।
କାହାକୁ ଯଦି ବା ସମୟ ଦେଇଛେ
ତାହାର ରଖିବା ମୂଲ
ସମୟର ମୂଲ୍ୟ ବୁଝିନି ତ ଯିଏ
ହେଉଥାଏ କଲବଲ
ମନଟି ରଖିବା ସ୍ଥିର,
ଅନ୍ୟ ପାଇଁ ଟିକେ ମନ ବଳେଇଲେ
ଆପଣା ହୋଇବେ ପର।
ସମୟାନୁବର୍ତ୍ତୀ ପାଏ ତ ଆଦର
ଅଳସୁଆ ଶୁଣେ ଗାଳି
ଭଲ କାମ ଯଦି କରୁଥିବା ଆମେ
ସବୁଠି ପାଇବା ତାଳି
ମନଟି ରଖିବା ସ୍ଥିର,
ବାକ୍ ସଂଯମତା ରହିଲେ ଆମର
ବିପଦ ହୋଇବ ଦୂର।
ଅନ୍ୟକୁ ଠକିବା ମନ ଯଦି ରହେ
ନିଜେ ହୋଇ ଯିବା ଠକି
ବିଶ୍ୱାସରେ ବାଟ ଚାଲୁଥିଲେ ଆମେ
କାହିଁକି ପଡ଼ିବା ଥକି
ମନଟି ରଖିବା ସ୍ଥିର,
ବିଶ୍ୱାସରେ ପରା ମିଳନ୍ତି ଈଶ୍ୱର
ତର୍କେ ହୁଅନ୍ତି ସେ ଦୂର।
ପର ନିନ୍ଦା ଯଦି କରୁଥିବା ଆମେ
ଆମର ହେବ ବି ନିନ୍ଦା
ଅଯଥାରେ ଆମ ସମୟ ହଜିବ
ମିଳିବନି କାମଧନ୍ଦା
ମନଟି ରଖିବା ସ୍ଥିର,
ଆମ ଅଜାଣତେ ସୁଯୋଗ୍ୟ ସନ୍ତାନ
ପାଲଟିବା ଏ ଦେଶର।

**ମାଧବ ଚନ୍ଦ୍ର ଦାଶ**
କବି କୁଟୀର, ବ୍ରାହ୍ମଣକୁଶଡ଼ିହ,
ଆଙ୍କୁଲାଚଟୀ, ଖୋର୍ଦ୍ଧା
ଶୂନ୍ୟଭାଷ-୯୩୪୮୯୧୬୭୮୭

## ପ୍ରିୟତମ

ପ୍ରିୟତମ !!
ତୁମେ ଯଦି ହୁଅ ଏକ ଦେବାଳୟ
ମୁଁ ଅଟେ ତୁମ ସ୍ମୃତିର ବଳୟ।
ପ୍ରିୟତମ !!
ତୁମେ ଯଦି ହୁଅ ସ୍ୱପ୍ନର ସାଗର
ମୁଁ ପାଲଟିବି ଶାମୁକା, ହେବି ଚିର ଅମର।
ପ୍ରିୟତମ !!
ତୁମେ ଯଦି ହୁଅ ପ୍ରେମର ଝରଣା
ମୁଁ ହେବି କୁଳୁକୁଳୁ ନାଦର ମଧୁର
ମୂର୍ଚ୍ଛନା।
ପ୍ରିୟତମ !!
ତୁମେ ଯଦି ହୁଅ ପବିତ୍ର ନିଳୟ
ମୁଁ ସେଠି ବୁହାଇବି ସୁଖର ମଳୟ।
ପ୍ରିୟତମ !!
ତୁମେ ଯଦି ହୁଅ ତୀର୍ଥସ୍ଥାନ
ମୁଁ ସେଠି ବାଣ୍ଟିଦେବି ସୁଖର ଚିନ୍ତନ।
ପ୍ରିୟତମ !!
ତୁମେ ଯଦି ହେବ ଅତୀତର କୀର୍ତ୍ତି
ଅନୁଭବ କରୁଥିବି ସଦା ଦିବାରାତ୍ରି।
ପ୍ରିୟତମ !!
ତୁମେ ଯଦି ହେବ ଜଗତର ଦୂରଦ୍ରଷ୍ଟା
ମୁଁ ପାଲଟିବି ତୁମ ପାଇଁ,
ଗୋଟିଏ ସୁନ୍ଦର ସୃଷ୍ଟିର ସ୍ରଷ୍ଟା।

**ରୋଜାଲିନ୍ ମିଶ୍ର**
ନିମାପଡ଼ା, ପୁରୀ

ଜାତୀୟ ଚେତନା
JATIYA CHETANA



# ସାତ୍ତ୍ୱିକ୍-ଚିରାଗଙ୍କୁ ଚାଇନା ମାଷ୍ଟର୍ସ ଟାଇଟଲ୍




ଶେନ୍‌ଝେନ୍ (ଚୀନ୍),(ଏଜେନ୍ସି): ଭାରତର ଷ୍ଟାର୍ ବ୍ୟାଡ୍‌ମିଣ୍ଟନ୍ ଯୋଡ଼ି ସାତ୍ତ୍ୱିକ୍‌ସାଇରାଜ ରାଙ୍କୀରେଡ୍ଡୀ ଓ ଚିରାଗ ସେଟ୍ଟୀ ପ୍ରଥମ ଥର ଚାଇନା ମାଷ୍ଟର୍ସ ସୁପର୍ ୭୫୦ ଟାଇଟଲ୍ ଜିତି ଇତିହାସ ରଚିଛନ୍ତି। ଗତ କିଛି ବର୍ଷର ବିଫଳତାକୁ ପଛରେ ପକାଇ ଭାରତୀୟ ଯୋଡ଼ି ଫାଇନାଲ୍ ମ୍ୟାଚ୍‌ରେ ଚୀନ୍ ଖେଳାଳିଙ୍କୁ ସେମାନଙ୍କ ଘରେ ହରାଇ ଚମତ୍କାର ବିଜୟ ହାସଲ କରିଛନ୍ତି।

ଫାଇନାଲ୍ ମ୍ୟାଚ୍‌ର ଆରମ୍ଭ ଭାରତୀୟ ଯୋଡ଼ି ପାଇଁ ଭଲ ନଥିଲା। ଚୀନା ଯୋଡ଼ି ହେ ଜି ଟିଙ୍ଗ୍ ଓ ରେନ୍ ଶିୟାଙ୍ଗ୍ ୟୁ ଘରୋଇ ଦର୍ଶକଙ୍କ ସାମ୍ନାରେ ପ୍ରଥମରୁ ଦ୍ରୁତ ଖେଳ ପ୍ରଦର୍ଶନ କରିଥିଲେ। ଏହା ସହିତ ପ୍ରଥମ ଗେମ୍ ୨୧-୧୧ରେ ସହଜରେ ଜିତିନେଇଥିଲେ। କିନ୍ତୁ ସାତ୍ତ୍ୱିକ-ଚିରାଗ ଦ୍ୱିତୀୟ ଗେମ୍‌ରେ ନେଟ୍‌ରେ ଆକ୍ରମଣାତ୍ମକ ଖେଳ ଦେଖାଇବା ଫଳରେ ଚୀନା ଯୋଡ଼ି ଚାପରେ ଆସିଯାଇଥିଲେ ଏବଂ ଭାରତୀୟ ଯୋଡ଼ି ୨୧-୧୩ରେ ଜିତି ସ୍ଥିତି ବରାବର କରିଥିଲେ। ତୃତୀୟ ତଥା ନିର୍ଣ୍ଣାୟକ ଗେମ୍‌ରେ କଡ଼ା ଟକ୍କର ହୋଇଥିଲା। ସାତ୍ତ୍ୱିକ୍ କୋର୍ଟ ପଛରୁ ଲଗାତାର ସଠିକ୍ ଶଟ୍ ଖେଳିଥିଲେ। ୧୮-୧୭ରେ ସ୍କୋର ଥିବାବେଳେ ସାତ୍ତ୍ୱିକଙ୍କ ଏକ ଚତୁର ସର୍ଭେ ଚୀନା ଯୋଡ଼ିଙ୍କୁ ସମ୍ପୂର୍ଣ୍ଣ ଭାବେ ଚକିତ କରିଦେଇଥିଲା। ଭାରତୀୟ ଯୋଡ଼ି ନିଜ ଲୟ ବଜାୟ ରଖି ୧ ଘଣ୍ଟା ୧୦ ମିନିଟ୍ ପର୍ଯ୍ୟନ୍ତ ଚାଲିଥିବା ମ୍ୟାଚ୍‌କୁ ୧୧-୨୧, ୨୧-୧୩, ୨୧-୧୭ରେ ନିଜ ନାମରେ କରିଥିଲେ।

ଚାଇନା ମାଷ୍ଟର୍ସ ଜିତି ଶେଷରେ ସାତ୍ତ୍ୱିକ୍-ଚିରାଗ ନିଜର ପୁରୁଣା ଅଧୁରା ସ୍ୱପ୍ନ ପୂରଣ କରିଛନ୍ତି। ଭାରତୀୟ ଯୋଡ଼ି ୨୦୨୩ ଓ ୨୦୨୫ରେ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ପର୍ଯ୍ୟନ୍ତ ଯାତ୍ରା କରିଥିଲେ ମଧ୍ୟ ଉଭୟ ଥର ସେମାନଙ୍କୁ ଉପବିଜେତାରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଚଳିତ ଥର ସେମାନେ ଚୀନା ପ୍ରଶଂସକଙ୍କ ସାମ୍ନାରେ ହିଁ ଆୟୋଜକ ଖେଳାଳିଙ୍କୁ ମାତ୍ ଦେଇ ନିଜ ପୁରୁଣା ପରାଜୟର ହିସାବ ବରାବର କରିଛନ୍ତି।

ସିଙ୍ଗାପୁର ଓପନ୍ ପରେ ସାତ୍ତ୍ୱିକ୍ ଓ ଚିରାଗଙ୍କ ଏହା ଚଳିତ ସିଜନ୍‌ରେ ଦ୍ୱିତୀୟ ବଡ଼ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଟାଇଟଲ୍। ଚୀନା ଖେଳାଳିଙ୍କୁ ସେମାନଙ୍କ ଘରେ ଚାପରେ ରଖି ହରାଇବା ଭାରତୀୟ ଯୋଡ଼ିଙ୍କ ମଜଭୁତ ଉଦ୍ଦେଶ୍ୟ ଏବଂ ଉନ୍ନତ ଫର୍ମକୁ ଦର୍ଶାଉଛି। ଆଗାମୀ ଏସିଆନ୍ ଗେମ୍ସ ପରି ବଡ଼ ଆହ୍ୱାନର ଟିକ୍ ପୂର୍ବରୁ ଚୀନ୍ ମାଟିରେ ମିଳିଥିବା ଏହି ବିଜୟ ସାତ୍ତ୍ୱିକ ଓ ଚିରାଗଙ୍କ ଆତ୍ମବିଶ୍ୱାସକୁ ଆହୁରି ମଜଭୁତ କରିବ।

# ଦୁଲୀପ୍ ଟ୍ରଫି ଫାଇନାଲ୍: ଈଶାନ୍ କିଶନ୍‌ଙ୍କ ଶତକ

ଚେନ୍ନାଇ,(ଏଜେନ୍ସି): ସ୍ଥାନୀୟ ଏମ୍‌ଏ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଇଷ୍ଟ୍ ଜୋନ୍ ଏବଂ ସାଉଥ୍ ଜୋନ୍ ମଧ୍ୟରେ ଦୁଲୀପ୍ ଟ୍ରଫି ୨୦୨୬ର ଫାଇନାଲ୍ ମ୍ୟାଚ୍ ରବିବାର ଠାରୁ ଆରମ୍ଭ ହୋଇଛି। ଫାଇନାଲ୍‌ର ପ୍ରଥମ ଦିନ ଇଷ୍ଟ୍ ଜୋନ୍ କ୍ୟାପ୍‌ଟେନ୍ ଈଶାନ୍ କିଶନ୍ ଶତକ ହାସଲ କରିଛନ୍ତି। ତାଙ୍କ ଇନିଂସ୍ ବଳରେ ଇଷ୍ଟ୍ ଜୋନ୍ ପ୍ରଥମ ଦିନ ଖେଳ ଶେଷ ବେଳକୁ ୪ ୱିକେଟ୍ ହରାଇ ୩୮୫ ରନ୍ କରିଛି। ପ୍ରଥମ ଦିନର ଷ୍ଟମ୍ପ ବେଳକୁ ଈଶାନ୍ ୧୩୫ ବଲ୍‌ରେ ୧୪ ଚୌକା ଓ ଦୁଇଟି ଛକା ସହାୟତାରେ ୧୧୧ ରନ୍ ଏବଂ କୁମାର କୁଶାଗ୍ର ୬୩ ରନ୍ କରି ଅପରାଜିତ ରହିଥିଲେ। ଦୁହିଁଙ୍କ ମଧ୍ୟରେ ୧୪୪ ରନ୍‌ର ପାର୍ଟନରଶିପ୍ ହୋଇଛି। ଏହା ପୂର୍ବରୁ ଭାଇସ୍ କ୍ୟାପ୍‌ଟେନ୍ ବୈଭବ ସୂର୍ଯ୍ୟବଂଶୀ ୪୪ ରନ୍ କରି ଆଉଟ୍ ହୋଇଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ଇଷ୍ଟ୍ ଜୋନ୍‌କୁ ବୈଭବ ସୂର୍ଯ୍ୟବଂଶୀ ଓ ଅଭିମନ୍ୟୁ ଈଶ୍ୱରନ୍ ଭଲ ଆରମ୍ଭ ଦେଇଥିଲେ। ଦୁହେଁ ପ୍ରଥମ ୱିକେଟ୍ ପାଇଁ ୧୦୦ ରନ୍ ଯୋଡ଼ିଥିଲେ। ସୂର୍ଯ୍ୟବଂଶୀ ୩୯ ବଲ୍‌ରେ ୫ ଚୌକା ଓ ଗୋଟିଏ ଛକା ବଳରେ ୪୪ ରନ୍ କରି ଚାମା ମିଲିନ୍ଦଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ବୈଭବଙ୍କ ଆଉଟ୍ ପରେ ଈଶ୍ୱରନ୍ ମଧ୍ୟ ୭୨ ରନ୍‌ରେ ରନ୍‌ଆଉଟ୍ ହୋଇଥିଲେ। ଏହାପରେ ସୁଦୀପ କୁମାର ଘରାମୀ ମାତ୍ର ୬ ରନ୍‌ରେ ତ୍ରିପୁରନ୍‌ଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇ ଫେରିଥିଲେ। ଇଷ୍ଟ୍ ଜୋନ୍ ୧୩୭ ରନ୍‌ରେ ତୃତୀୟ ୱିକେଟ୍ ହରାଇବା ପରେ କ୍ୟାପ୍‌ଟେନ୍ ଈଶାନ୍ କିଶନ୍ ବ୍ୟାଟିଂ ପାଇଁ ଆସି ଶିଖର ମୋହନଙ୍କ ସହ ଚତୁର୍ଥ ୱିକେଟ୍ ପାଇଁ ୯୪ ରନ୍‌ର ପାର୍ଟନରଶିପ୍ କରିଥିଲେ। ଶିଖର ୮୫ ରନ୍‌ର ସ୍କୋର୍‌ରେ ମିଲିନ୍ଦ ଦ୍ୱାରା ବୋଲ୍ଡ ଆଉଟ୍ ହୋଇଥିଲେ। ତାଙ୍କ ୧୨୦ ବଲ୍‌ର ଇନିଂସ୍‌ରେ ୯ ଚୌକା ଓ ୩ ଛକା ସାମିଲ ଥିଲା।

# ଜୁନିୟର ହକି ଏସିଆ କପ୍: ଜାପାନ ସହ ପଏଣ୍ଟ ବାଣ୍ଟିଲା ଭାରତ

ନୂଆଦିଲ୍ଲୀ(ଏଜେନ୍ସି): ଚୀନ୍‌ରେ ଚାଲିଥିବା ଜୁନିୟର୍ ହକି ଏସିଆ କପ୍‌ରେ ଭାରତ ନିଜର ଦ୍ୱିତୀୟ ମ୍ୟାଚ୍ ଜାପାନ ସହ ୩-୩ ଗୋଲ୍‌ରେ ଡ୍ର' କରିଛି। ସେହିପରି ମହିଳା ବିଭାଗରେ ଭାରତ ୧୧-୧ ଗୋଲ୍‌ରେ ମାଲେସିଆକୁ ହରାଇ ଦେଇଛି। ପୁରୁଷ ମ୍ୟାଚ୍‌ରେ ଭାରତ ପଛୁଆ ରହିବା ପରେ ଅନ୍ତିମ ମିନିଟ୍‌ରେ ଗୋଲ୍ ଦେଇ ବରାବର କରିଥିଲା। କ୍ୟାପ୍‌ଟେନ୍ ଅନମୋଲ୍ ଏକ୍କା ଭାରତକୁ ପରାଜୟରୁ ବଞ୍ଚାଇଥିଲେ। ଭାରତ ନିଜର ପ୍ରଥମ ପୁଲ୍ ମ୍ୟାଚ୍‌ରେ ଇଣ୍ଡୋନେସିଆକୁ ୧୪-୦ରେ ହରାଇଥିଲା।

ଭାରତ ମ୍ୟାଚ୍‌ର ଚତୁର୍ଥ ମିନିଟ୍‌ରେ ଅଗ୍ରଣୀ ହାସଲ କରିଥିଲା। ଫାଉଲ୍ ପରେ ମିଳିଥିବା ପେନାଲ୍ଟି ଷ୍ଟ୍ରୋକ୍‌ରୁ ଗୋଲ୍ କରି କ୍ୟାପ୍‌ଟେନ୍ ଅନମୋଲ୍ ଟିମ୍‌କୁ ୧-୦ରେ ଆଗୁଆ କରିଥିଲେ। ଏହାପରେ ୧୦ମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣର୍‌ରୁ ଆଶୁ ମୌର୍ଯ୍ୟ ଗୋଲ୍ କରି ଭାରତର ଅଗ୍ରଣୀ ଦ୍ୱିଗୁଣ କରିଥିଲେ। ତେବେ ଏହାର ତୁରନ୍ତ ପରେ ୧୧ଶ ମିନିଟ୍‌ରେ ଜାପାନକୁ ମିଳିଥିବା ପେନାଲ୍ଟି କର୍ଣ୍ଣର୍‌କୁ ଗୋଲ୍‌ରେ ପରିବର୍ତ୍ତନ କରି ହାଫ୍ ୟୁଶିନ୍ ସାସାକି ଟାଇମ୍ ବେଳକୁ ସ୍ଥିତି ୨-୧ କରିଥିଲେ। ତୃତତୀୟ କ୍ୱାର୍ଟର୍‌ରେ ଉଭୟ ଟିମ୍ ଆକ୍ରମଣ ଜାରି ରଖିଥିଲେ ମଧ୍ୟ କୌଣସି ଗୋଲ୍ ହୋଇନଥିଲା।

ଚତୁର୍ଥ କ୍ୱାର୍ଟର୍‌ରେ ଜାପାନ ଚାପ ବୃଦ୍ଧି କରିଥିଲା ଏବଂ ଟିମ୍‌କୁ ମିଳିଥିବା ପେନାଲ୍ଟି କର୍ଣ୍ଣର୍‌କୁ କ୍ୟାପ୍‌ଟେନ୍ କାଜୁକୀ ନାକାନିଶୀ ଗୋଲ୍‌ରେ ପରିଣତ କରି ସ୍ଥିତି ୨-୨ କରିଥିଲେ। ମ୍ୟାଚ୍‌ର ଅନ୍ତିମ ୫ ମିନିଟ୍‌ରେ ଜାପାନକୁ ଦୁଇଟି ପେନାଲ୍ଟି କର୍ଣ୍ଣର୍ ମିଳିଥିଲା। ପ୍ରଥମଟି ବିଫଳ ହେବା ପରେ ୫୯ତମ ମିନିଟ୍‌ରେ ନାକାନିଶୀ ଗୋଲ୍‌ଦେଇ ଜାପାନକୁ ୩-୨ରେ ଆଗୁଆ କରିଥିଲେ। ବରାବର ସନ୍ଧାନରେ ଥିବା ଭାରତ ନିଜ ଗୋଲ୍‌କିପର୍‌ଙ୍କୁ ହଟାଇ ଆକ୍ରମଣ ତୀବ୍ର କରିଥିଲା। ଏହାର ଲାଭ ମଧ୍ୟ ଟିମ୍‌କୁ ମିଳିଥିଲା ଏବଂ ମ୍ୟାଚ୍ ଶେଷ ହେବାର ୫୯ ସେକେଣ୍ଡ ପୂର୍ବରୁ ପେନାଲ୍ଟି କର୍ଣ୍ଣର୍ ହାସଲ ହୋଇଥିଲା। ଅନ୍‌ମୋଲ୍ ପୁଣିଥରେ ଦାୟିତ୍ୱ ସମ୍ଭାଳି ଏହାକୁ ଗୋଲ୍‌ରେ ପରିବର୍ତ୍ତନ କରି ସ୍କୋର୍ ୩-୩ କରିଥିଲେ। ଭାରତ ପୁଲ୍-ଏ'ର ତୃତୀୟ ମ୍ୟାଚ୍‌ରେ ମଙ୍ଗଳବାର କୋରିଆକୁ ଭେଟିବ।

ଅପର ପକ୍ଷରେ ଭାରତୀୟ ମହିଳା ହକି ଟିମ୍ ଜୁନିୟର୍ ଏସିଆ କପ୍‌ର ଏଲିଟ୍ ପୁଲ୍ ମ୍ୟାଚ୍‌ରେ ରବିବାର ମାଲେସିଆକୁ ୧୧-୧ର ବୃହତ ବ୍ୟବଧାନରେ ହରାଇଛି। ଭାରତ ପକ୍ଷରୁ ପୂଜା ସାହୁ ଓ ପୂର୍ଣ୍ଣିମା ଯାଦବ ୨-୨ ଗୋଲ୍ ଦେଇଥିବା ବେଳେ ବିନିମା ଧନ, କୃଷ୍ଣା ଶର୍ମା, ସୁଖବୀର କୌର, ଗୀତା ଯାଦବ ଓ ସାନିକା ଚନ୍ଦ୍ରକାନ୍ତ ମାନେ ଗୋଟିଏ ଲେଖାଏଁ ଗୋଲ୍ କରିଥିଲେ। ଭାରତ ଲଗାତାର ଦ୍ୱିତୀୟ ବିଜୟ ସହିତ ୬ ପଏଣ୍ଟ ନେଇ ଏଲିଟ୍ ପୁଲ୍ ଶୀର୍ଷରେ ରହିଛି। ଏହା ପୂର୍ବରୁ ଭାରତ ନିଜ ପ୍ରଥମ ମ୍ୟାଚ୍‌ରେ ସାଉଥ୍ କୋରିଆକୁ ୪-୧ ଗୋଲ୍‌ରେ ହରାଇଥିଲା। ଏବେ ଭାରତୀୟ ମହିଳା ଟିମ୍ ମଙ୍ଗଳବାର ଜାପାନ ବିପକ୍ଷରେ ନିଜ ତୃତୀୟ ପୁଲ୍ ମ୍ୟାଚ୍ ଖେଳିବ।

## ସମର୍ପଣ

ଏ ଦେହକୁ ତୁମେ ସମ୍ପୂର୍ଣ୍ଣ
ବିବସ୍ତ୍ର କରିସାରିବା ପରେ
କୋଣାର୍କର ପ୍ରାଚୀନ
ପ୍ରତିମୂର୍ତ୍ତି ପରି ତୁମେ ନିରେଖି
ଖୋଜିବୁଲ ଏ ଦେହର କାରୁକାର୍ଯ୍ୟ
କଳଙ୍କର ଚିହ୍ନ ସବୁ
କେଉଁ ଶିଳ୍ପୀର ନିହଣ ଦାଗରେ
ତାଜା ତାଜା ରକ୍ତ ଟିକେ
ଭାରି ଅବିଶ୍ୱାସୀ ତୁମେ
ରାତି ପାଇଁ ସାଥି ଲୋଡ଼ା
ହେଲେ ମୁଁ ତ ପାଷାଣ
ସବୁ ସହିବି
ନିଃସଙ୍ଗତା ଜୀବନ
ପୋଖରୀ ତୁଠରେ
ମୁହଁ ମାଡ଼ି ତୁମକୁ ଖୋଜୁଥିବା
ମୋର ପ୍ରେମ
ତୁମ ଷଡ଼ଯନ୍ତ୍ରର ଚଦର ତଳେ
ରାତିର ଅନ୍ଧାରରେ
ମୋ ନିଜକୁ ଖିନ୍‌ଭିନ୍ କରି
ଯେବେ ତୁମେ ଗଢ଼ିଉଠ
ମୋ ଦେହର
ଇତିହାସର କାରଣ।

**କିରଣ ମନୀଷା ମହାନ୍ତି**
ପୁରୀ

# ମୁଁ ସଂବାଳୁଆ କହୁଛି



ସଂବାଳୁଆରୁ ପ୍ରଜାପତି, କେତେ କଷ୍ଟ ଦାୟକ ଯାତ୍ରା।

ମୁଁ ତ ନିଜେ ଇଚ୍ଛା କରି ଏ ସଂସାରକୁ ଆସିନଥିଲି, ଇଚ୍ଛା ବା ସ୍ୱପ୍ନ ଦେଖିନଥିଲି ଦିନେ ପ୍ରଜାପତି ରେ ରୂପାନ୍ତରିତ ହେବି ବୋଲି। ମୋ ପଶ୍ଚାତରେ କିଏ ଜଣେ ଇଛାକରି ଓ ସ୍ୱପ୍ନ ଦେଖି ମୋତେ ସୃଷ୍ଟି କରି ମୋ ଜୀବନ ଯାତ୍ରା କୁ ପରିଚାଳିତ କରି ନେଇ ଚାଲୁଛନ୍ତି।

ମୋ ଜନ୍ମ ମାତ୍ରେ ଗଛର ପତ୍ର ତଳେ ମୋ ବାସସ୍ଥାନ ହେଲା। ପତ୍ରକୁ ଖାଇ ଖାଇ ମୋତେ ବଞ୍ଚିବାକୁ ପଡିଲା। ଗଛଟି ଯିଏ ଲଗାଇ ଥିଲା ଟିକେ ସବୁଜିମା ଓ ପୁଷ୍ପ ର ସୌନ୍ଦର୍ଯ୍ୟ ଓ ସୁଗନ୍ଧ ପାଇବା ପାଇଁ ଓ ପୁଷ୍ପ କୁ ତୋଳି ବିଭୂ ପାଦରେ ନିବେଦନ କରିବାପାଇଁ ତା ହାତରେ ମୋ କଣ୍ଟାଯୁକ୍ତ ଶରୀର ଲାଗିଯିବାରୁ ସେ ମୋତେ ନିପାତ କରିବାକୁ ନାନାଦି ପନ୍ଥା ବାଛିଲା। ମୁଁ ତଳେ ପଡ଼ି ଘୁଷୁରି ଘୁଷୁରି ପୁଣି ଏକ ସାହାରା ଖୋଜୁଥିବା ବେଳେ ମତେ ସିଏ ଦଳିଦେବାକୁ ପଛାଇଲା ନାହିଁ। ମୁଁ ହେଲି ସମସ୍ତଙ୍କର ଘୃଣାର ପାତ୍ର। ଦୁନିଆ ଆଖିରେ ମୁଁ ଗୋଟେ ଅସ୍ପୃଶ୍ୟ, ଅଦରକାରୀ, ଘୃଣ୍ୟ ଜୀବ।

କୌଣସି ମତେ ନିଜକୁ ସମସ୍ତ ବାଧା ବିପତ୍ତି ରୁ ବଞ୍ଚାଇ ମୁଁ ଯେତେବେଳେ ଯାତ୍ରାପଥରେ ଆଗୁସାର ହେଲି ମୋ ଭିତରେ ଲୁଚି ରହିଥିବା ସମ୍ଭାବନା ଟି ରୂପ ନେଲା, ତଳେ ଘୁଷୁରୁ ଥିବା, ପତ୍ର ଉହାଡ଼ରେ ଲୁଚୁଥିବା ଜୀବଟି କ୍ରମେ ଉଡ଼ିବୁଲିଲା ଗଛରୁ ଗଛକୁ, ଫୁଲରୁ ଫୁଲକୁ, ଏବଂ ଫୁଲରୁ ମଧୁ ପାନ କରି ଅନ୍ୟ ଫୁଲରେ ବସି ମଧୁ ବିତରଣ କଲା। କଣ୍ଟକିତ ଦେହ ଟି ଏବେ କେତେ ରଙ୍ଗ ବେରଙ୍ଗ ହୋଇ ସମସ୍ତଙ୍କୁ ଆନନ୍ଦ ପ୍ରଦାନ କଲା। ଯିଏ ଦିନେ ମୋତେ ଦେଖି ଘୃଣାରେ ସ୍ପର୍ଶ କରୁନଥିଲା ସିଏ ଏବେ ମୋ ପଛରେ ଧାଇଁଲା ମୋତେ ଧରିବାକୁ। ହେଲେ ମୁଁ କିଆଁ ତାକୁ ଧରା ଦେବି, ମୁଁ ବି ଚାହିଁଲି ମୋତେ ଦୂରରୁ ଦେଖି ଯିଏ ଘୃଣା କରୁଥିଲା, ଆଜି ମୋତେ ଦୂରରେ ରହି ସେ ଆନନ୍ଦ ନେଉ।

ମୁଁ ବିଭୁଦତ୍ତ ଜୀବଟିଏ, କେବେ କେଉଁଠି ରହିବି ଓ ଅଗ୍ରଗତି ର ଧାରାରେ କେଉଁ ରୂପ ନେବି ତାହା ପୂର୍ବ ନିର୍ଦ୍ଦିଷ୍ଟ। ଘୃଣା କୁ ପ୍ରେମରେ ରୂପାନ୍ତରିତ ହେବାର ଉଦାହରଣ ମୁଁ। ଦୃଶ୍ୟମାନ ଜଗତ ରେ ଯାହା ଦେଖୁଛେ ତାହା ଚିରନ୍ତନ ନୁହେଁ, ତା ପଶ୍ଚାତ ରେ ଲୁଚି ରହିଛି ଚିରନ୍ତନ ସତ୍ୟ, ଯାହା ଅବଶ୍ୟ ଆସିବ ପରିବର୍ତନ ଧାରାରେ। ପରିବର୍ତନ ହିଁ ସୃଷ୍ଟିର ନିୟମ। ଆଗାମୀ କାଲି ର ସୁର୍ଯୋଦୟ ଅ ବଶ୍ୟମ୍ଭାବି। ଯେଉଁମାନେ ଭବିଷ୍ୟତ ପାଇଁ ଆସ୍ପୃହା କରନ୍ତି ଓ ଧୈର୍ଯ୍ୟ ଓ ବିଶ୍ୱାସ ରଖନ୍ତି ତାଙ୍କ ପାଇଁ ଏହା ସୁଗମ ହୋଇଥାଏ କ୍ଷ

ମୋ ପରି ଅନେକ ଜୀବ ଏ ସଂସାରରେ ଅଛନ୍ତି, ସମସ୍ତଙ୍କ ମଧ୍ୟରେ ସେହି ସମ୍ଭାବନା ରହିଛି। ମୁଁ ସିନା ଜାଣିନି ସେ ବିଷୟରେ, କିନ୍ତୁ ମନୁଷ୍ୟ ପରି ସଚେତନ ଜୀବ ମାନେ ସେ ସମ୍ପର୍କରେ ଅଳ୍ପେ ବହୁତେ ସଚେତନ ଅଛନ୍ତି। ସେଇ ସଚେତନତା କୁ ଆଉ ଟିକେ ବଢ଼ାଇଲେ ଓ ସଂକଳ୍ପକୁ ତୀବ୍ର କଲେ ସେମାନେ ବିବର୍ତନ ର ଏକ ନୂତନ ପାହାଚ ରେ ଉନ୍ନୀତ ହୋଇପାରିବେ କ୍ଷକ୍ଷ ସେହି ସଚେତନତା ଦ୍ୱାରା ଅଜ୍ଞାନ ଜ୍ଞାନ ରେ , ଘୃଣା ପ୍ରେମରେ, ଅନ୍ଧକାର ଆଲୋକରେ, କୁରୁପ ଦିବ୍ୟ ରୂପରେ ରୂପାନ୍ତରିତ ହୋଇଯିବ। ସ୍ରଷ୍ଟା ଙ୍କ ଦିବ୍ୟ ସଂକଳ୍ପ ପୂର୍ଣ୍ଣ ହେବ। ପ୍ରକୃତି ପରିବର୍ତନ ହୋଇଯିବ। ଏ ସୃଷ୍ଟି ହେବ ଦିବ୍ୟ ଶିଶୁଙ୍କ କ୍ରୀଡ଼ାଭୂମି।

**ରମାକାନ୍ତ ନନ୍ଦ**
ଗୋପବନ୍ଧୁ ନଗର, ବାଲୁଗାଁ, ଖୋର୍ଦ୍ଧା

ଜାତୀୟ ଚେତନା
JATIYA CHETANA







# ବିନା କୌଣସି କାଟଛାଣ୍ଟରେ ସେନ୍ସର ବୋର୍ଡରୁ 'ୟୁ/ଏ' ସାର୍ଟିଫିକେଟ୍ ପାଇଲା ଓଡ଼ିଆ ସିନେମା 'ଦଣ୍ଡକାଳୀ'

ଓଡ଼ିଶାର ସମୃଦ୍ଧ ଲୋକସଂସ୍କୃତି ଏବଂ ପାରମ୍ପରିକ ଦଣ୍ଡନାଚର କାହାଣୀକୁ ନେଇ ନିର୍ମିତ ବହୁପ୍ରତୀକ୍ଷିତ ଓଡ଼ିଆ ଚଳଚ୍ଚିତ୍ର 'ଦଣ୍ଡକାଳୀ– ଦ ଫ୍ଲେମ୍ ଅଫ୍ ଜଷ୍ଟିସ୍' ସେନ୍ସର ବୋର୍ଡ ଦ୍ୱାରା ସଫଳତାର ସହ ପାସ୍ ହୋଇଛି। କୌଣସି ଦୃଶ୍ୟ କାଟଛାଣ୍ଟ ନକରି ଫିଲ୍ମକୁ 'ୟୁ/ଏ ୧୬+' ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି, ଯାହା ନିର୍ମାତା ଓ ଦର୍ଶକଙ୍କ ମଧ୍ୟରେ ବିଶେଷ ଉତ୍ସାହ ସୃଷ୍ଟି କରିଛି। ଚଳିତ ଗଣେଶ ପୂଜା ଅବସରରେ ଚଳିତ ସେପ୍ଟେମ୍ବର ୧୧ ତାରିଖରେ ଏହି ସିନେମା ପ୍ରେକ୍ଷାଳୟଗୁଡ଼ିକରେ ମୁକ୍ତିଲାଭ କରିବାକୁ ଯାଉଛି। ଫିଲ୍ମର ଟିଜର୍ ରିଲିଜ୍ ହେବା ଦିନଠାରୁ ଏହାର ନିଆରା କାହାଣୀ ଏବଂ ଆକର୍ଷଣୀୟ ପୋଷ୍ଟର ପାଇଁ ଦର୍ଶକଙ୍କ ମଧ୍ୟରେ ଆଗ୍ରହ ବୃଦ୍ଧି ପାଇଛି।

ଦକ୍ଷିଣ ଓଡ଼ିଶାର ଗଞ୍ଜାମ, ଗଜପତି, ନୟାଗଡ଼, ଫୁଲବାଣୀ ଏବଂ କନ୍ଧମାଳ ଭଳି ଅଞ୍ଚଳରେ ଦଣ୍ଡଯାତ୍ରା ଓ ଦଣ୍ଡନାଚର ଏକ ନିଆରା ଆଧ୍ୟାତ୍ମିକ ତଥା ସାଂସ୍କୃତିକ ଗୁରୁତ୍ୱ ରହିଛି। ଭକ୍ତି, ବଳିଦାନ ଏବଂ ସମର୍ପଣର ଏହି ଜୀବନ୍ତ ଲୋକପରମ୍ପରା ଆଜିର ଯୁବପିଢ଼ିଙ୍କ ନିକଟରୁ ଧୀରେ ଧୀରେ ଦୂରେଇ ଯାଉଥିବା ବେଳେ, ଏହି ହଜିଯାଉଥିବା ସଂସ୍କୃତିକୁ ସିନେମା ମାଧ୍ୟମରେ ସେମାନଙ୍କ ପାଖରେ ପହଞ୍ଚାଇବା ପାଇଁ ପ୍ରଯୋଜନା ସଂସ୍ଥା ପ୍ରଶଂସନୀୟ ପ୍ରୟାସ କରିଛି। ଫିଲ୍ମର କାହାଣୀରେ ଦଣ୍ଡନାଚର ଇତିହାସ, ପରମ୍ପରା ଏବଂ ଏହା ସହ ଯୋଡ଼ିହୋଇ ରହିଥିବା ସାଧାରଣ ଲୋକଙ୍କ ନିବିଡ଼ ଆବେଗକୁ ସୁନ୍ଦର ଭାବେ ଚିତ୍ରିତ କରାଯାଇଛି। ଫିଲ୍ମର ନୂତନ ପୋଷ୍ଟରରେ ଅଭିନେତ୍ରୀ ସୂର୍ଯ୍ୟମୟୀ ମା' କାଳୀଙ୍କ ଶକ୍ତିଶାଳୀ ରୂପରେ ନଜର ଆସିଛନ୍ତି।




ଏହି ଚଳଚ୍ଚିତ୍ରଟିର ନିର୍ଦ୍ଦେଶନା ଭାର ସୁଧାଂଶୁ ମୋହନ ସାହୁ ତୁଲାଇଥିବା ବେଳେ ରାଜଶ୍ରୀ ଘୋଷ ଏହାର ପ୍ରଯୋଜନା କରିଛନ୍ତି। ଅଭିସିକ୍ତ ମିଶ୍ରଙ୍କ ମୂଳ କାହାଣୀ ଆଧାରରେ ଦିଲ୍ଲୀପ ଚୌଧୁରୀ ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି। ପ୍ରସିଦ୍ଧ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ ସଙ୍ଗୀତ ସଂଯୋଜନା କରିଥିବା ବେଳେ ବାପୁ ଗୋସ୍ୱାମୀ ଗୀତଗୁଡ଼ିକୁ ରଚନା କରିଛନ୍ତି। ଏଥିରେ ସିଦ୍ଧାନ୍ତ ମହାପାତ୍ର, ମହାଶ୍ୱେତା ରାୟ, ସୂର୍ଯ୍ୟମୟୀ ମହାପାତ୍ର, ଚୌଧୁରୀ ଜୟ ପ୍ରକାଶ ଦାସ, ଉଷସୀ ମିଶ୍ର, ଉଦିତ୍ ଗୁରୁ, ଏଲି ପାଢ଼ୀ, ତୃପ୍ତି ମୀରାମ୍ବିକା, ଚିତ୍ରସେନ ଘୋଷ ଏବଂ କୃଷ୍ଣ କରଙ୍କ ଭଳି ଅଭିଜ୍ଞ ଓ ଜଣାଶୁଣା କଳାକାରମାନେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଓଡ଼ିଶାର ପାରମ୍ପରିକ ଲୋକକଳାକୁ ନେଇ ନିର୍ମିତ ଏହି ସିନେମାଟି ଦର୍ଶକଙ୍କ ମନ ଜିଣିବାରେ ସଫଳ ହେବ ବୋଲି ଆଶା କରାଯାଉଛି।

# ମୋହନଲାଲଙ୍କ ନୂତନ ସିନେମା 'ଅପରେସନ୍ ଗଙ୍ଗା'ର ଆନୁଷ୍ଠାନିକ ନାମ ଘୋଷଣା

ମାଲୟାଲମ୍ ସିନେମାର ପ୍ରଖ୍ୟାତ ଅଭିନେତା ମୋହନଲାଲଙ୍କ ବହୁପ୍ରତୀକ୍ଷିତ ୩୬୭ତମ ଚଳଚ୍ଚିତ୍ରର ଆନୁଷ୍ଠାନିକ ନାମ 'ଅପରେସନ୍ ଗଙ୍ଗା: ଏ ନେସନ୍ ପ୍ରମିଜ୍' ଭାବେ ଘୋଷଣା କରାଯାଇଛି। ଜାତୀୟ ପୁରସ୍କାର ବିଜେତା ନିର୍ଦ୍ଦେଶକ ବିଷ୍ଣୁ ମୋହନଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରଟି ବାସ୍ତବ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଉପରେ ଆଧାରିତ। ୨୦୨୨ ମସିହାରେ ରୁଷ-ୟୁକ୍ରେନ ଯୁଦ୍ଧ ସମୟରେ ୟୁକ୍ରେନରେ ଫସି ରହିଥିବା ହଜାର ହଜାର ଭାରତୀୟ ନାଗରିକ ଓ ଶିକ୍ଷାର୍ଥୀଙ୍କୁ ସୁରକ୍ଷିତ ଭାବେ ସ୍ୱଦେଶ ଫେରାଇ ଆଣିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସାମରିକ ଉଦ୍ଧାର ଅଭିଯାନ 'ଅପରେସନ୍ ଗଙ୍ଗା'ର କାହାଣୀ ଏହି ଚଳଚ୍ଚିତ୍ରରେ ଜୀବନ୍ତ ହୋଇଉଠିବ। ପ୍ରଥମ ଚଳଚ୍ଚିତ୍ର 'ମେପାଡିୟାନ୍' ପାଇଁ ଶ୍ରେଷ୍ଠ ନୂତନ ନିର୍ଦ୍ଦେଶକ ଭାବେ ଜାତୀୟ ପୁରସ୍କାର ପାଇଥିବା ବିଷ୍ଣୁ ମୋହନଙ୍କର ଏହା ଦ୍ୱିତୀୟ ବଡ଼ ପ୍ରକଳ୍ପ।




ଏହି ସିନେମାରେ ମୋହନଲାଲ ମୁଖ୍ୟ ଭୂମିକାରେ ଅଭିନୟ କରୁଥିବା ବେଳେ ତାଙ୍କ ସହ କଳାକାର ଭାବେ ଅର୍ଜୁନ ରାମପାଲ, ଭାଗ୍ୟଶ୍ରୀ ବୋର୍ସେ, ପାର୍ଥିବାନ ଏବଂ ଆଦିଲ ହୁସେନ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ନଜର ଆସିବେ। ଏହି ମେଗା ପ୍ରକଳ୍ପକୁ ଦୃଶ୍ୟମାନ ଓ ବୈଷୟିକ ସ୍ତରରେ ସମୃଦ୍ଧ କରିବା ପାଇଁ ବିଭିନ୍ନ ଚଳଚ୍ଚିତ୍ର ଶିଳ୍ପର ଶ୍ରେଷ୍ଠ ବୈଷୟିକ ବିଶେଷଜ୍ଞମାନଙ୍କୁ ଏକତ୍ରିତ କରାଯାଇଛି। 'ପୁଷ୍ପା' ଚଳଚ୍ଚିତ୍ରର ପ୍ରସିଦ୍ଧ ଚିତ୍ରଗ୍ରହଣକାରୀ ମିରୋସ୍ଲା କୁବା ବ୍ରୋଜେକ୍, ପ୍ରଯୋଜନା ଡିଜାଇନର୍ ରାଜୀବନ, ସମ୍ପାଦକ ଶମୀର ମହମ୍ମଦ, ଶବ୍ଦ ଡିଜାଇନର୍ ବିଶ୍ୱଦୀପ ଚାଟାର୍ଜୀ ଏବଂ ଆକ୍ସନ ପରିଚାଳକ ସେ-ୟଙ୍ଗ୍ ଓହ ଏହି ପ୍ରକଳ୍ପର ମୁଖ୍ୟ ଅଂଶ ସାଜିଛନ୍ତି। ସେହିପରି ସାମରିକ ସତ୍ୟତା ବଜାୟ ରଖିବା ପାଇଁ ସ୍କ୍ୱାଡ୍ରନ୍ ଲିଡର ଭରଲିନ୍ ପାନୱାର ସାମରିକ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଛନ୍ତି। ଶ୍ରୀ ଗୋକୁଲମ୍ ମୁଭିଜ୍ ବ୍ୟାନରରେ ଗୋକୁଲମ୍ ଗୋପାଳନ୍ଙ୍କ ଦ୍ୱାରା ପ୍ରଯୋଜିତ ଏହି ଚଳଚ୍ଚିତ୍ରରେ ଶାଶ୍ୱତ ସଚଦେବ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ବୈଜୁ ଗୋପାଳନ, ଭି.ସି. ପ୍ରବୀଣ ଏବଂ କୃଷ୍ଣମୂର୍ତ୍ତି ପ୍ରଯୋଜନା ନିୟନ୍ତ୍ରଣର ଦାୟିତ୍ୱ ତୁଲାଉଛନ୍ତି। ଏହି ଚଳଚ୍ଚିତ୍ରଟି କେବଳ ଏକ ମନୋରଞ୍ଜନ ନୁହେଁ, ବରଂ ଜାତୀୟ ସଙ୍କଟ ସମୟରେ ଭାରତର ସାମର୍ଥ୍ୟ ଓ ନାଗରିକଙ୍କ ସୁରକ୍ଷା ପାଇଁ ଦେଶର ପ୍ରତିଶ୍ରୁତିବଦ୍ଧତାକୁ ପରଦାରେ ଉପସ୍ଥାପନ କରିବାର ଏକ ପ୍ରଶଂସନୀୟ ପ୍ରୟାସ ଭାବେ ବିବେଚିତ ହେଉଛି।

# ବକ୍ସ ଅଫିସରେ 'ହନୁମାନ ଅଂଶ'ର ବାଜିମାତ୍

ବକ୍ସ ଅଫିସ ଆୟ କ୍ଷେତ୍ରରେ ପୁଣି ଥରେ ଚମତ୍କାର ପ୍ରଦର୍ଶନ କରି 'ହନୁମାନ ଅଂଶ' ସମସ୍ତଙ୍କୁ ଚକିତ କରିଦେଇଛି। ଚତୁର୍ଥ ସପ୍ତାହର ଶେଷ ଭାଗରେ ମଧ୍ୟ ଏହି ସିନେମାଟି ପ୍ରେକ୍ଷାଳୟଗୁଡ଼ିକରେ ନିଜର ଦୃଢ଼ ସ୍ଥିତି ବଜାୟ ରଖିବା ସହ ସୁପରଷ୍ଟାର ୟଶଙ୍କ ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'ଟକ୍ସିକ୍'କୁ ପଛରେ ପକାଇ ଦେଇଛି। ସାମ୍ନାକୁ ଆସିଥିବା ବକ୍ସ ଅଫିସ୍ ପରିସଂଖ୍ୟାନ ଅନୁଯାୟୀ, ତୁଳନାତ୍ମକ ଦିନଗୁଡ଼ିକରେ 'ଟକ୍ସିକ୍'ର ଆୟ 'ହନୁମାନ ଅଂଶ' ତୁଳନାରେ କମ୍ ରହିଥିବା ଦେଖିବାକୁ ମିଳିଛି। ବୋର୍ଡର ଆୟ ତଥ୍ୟ ଅନୁସାରେ, ନିଜର ୨୮ତମ ଦିନରେ 'ହନୁମାନ ଅଂଶ' ୭,୦୫୫ଟି ପ୍ରଦର୍ଶନରୁ ୧୧ କୋଟି ଟଙ୍କା ସଂଗ୍ରହ କରିଥିବା ବେଳେ ଏହାର ମୋଟ ଭାରତୀୟ ନିଟ୍ ଆୟ ୭୩.୭୪ କୋଟି ଟଙ୍କାରେ ପହଞ୍ଚିଛି। ଅନ୍ୟପଟେ, ନବମ ଦିନରେ 'ଟକ୍ସିକ୍' ୧୦,୮୬୩ଟି ପ୍ରଦର୍ଶନରୁ ମାତ୍ର ୪.୨୫ କୋଟି ଟଙ୍କା ଆୟ କରିପାରିଛି। ଯଦିଓ 'ଟକ୍ସିକ୍' ପ୍ରଥମ ଦିନରେ ୧୦୧.୧୦ କୋଟି ଟଙ୍କାର ବୃହତ୍ ଆୟ ସହ ଶୁଭାରମ୍ଭ କରି ମୋଟ ୨୩୯.୩୦ କୋଟି ଟଙ୍କା ନିଟ୍ ସଂଗ୍ରହ କରିସାରିଛି, ତଥାପି ପରବର୍ତ୍ତୀ ଦିନଗୁଡ଼ିକରେ ଏହାର ବ୍ୟବସାୟରେ କ୍ରମାଗତ ହ୍ରାସ ଦେଖାଦେଇଛି। ଅନ୍ୟପଟେ ମାତ୍ର ୨ କୋଟି ଟଙ୍କାର ସୀମିତ ବଜେଟ୍‌ରେ ନିର୍ମିତ 'ହନୁମାନ ଅଂଶ' ପ୍ରଥମ ଓ ଦ୍ୱିତୀୟ ସପ୍ତାହର ଧୀମା ଗତି ପରେ ତୃତୀୟ ଓ ଚତୁର୍ଥ ସପ୍ତାହରେ ବ୍ୟାପକ ସଫଳତା ସହ ଶହେ କୋଟି ଟଙ୍କା ଆୟୀ ସିନେମା କ୍ଲବ ଆଡ଼କୁ ଅଗ୍ରସର ହେଉଛି। ବିଶାଳ ଚତୁର୍ବେଦୀଙ୍କ ଲିଖିତ ଓ ନିର୍ଦ୍ଦେଶିତ 'ହନୁମାନ ଅଂଶ'ରେ ଚନ୍ଦନ ଆନନ୍ଦ ଏବଂ ଶୋଭିନବ ସତ୍ୟ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଅନ୍ୟପଟେ ଗୀତୁ ମୋହନଦାସଙ୍କ ନିର୍ଦ୍ଦେଶିତ 'ଟକ୍ସିକ୍'ରେ ୟଶ, କିଆରା ଆଡଭାନୀ, ନୟନଥାରା, ହୁମା କୁରେଶୀ, ତାରା ସୁତାରିଆ ଏବଂ ଅକ୍ଷୟ ଓବେରୟଙ୍କ ଭଳି ବହୁ ନାମୀ କଳାକାର ସାମିଲ ଅଛନ୍ତି। ଏହି ଦୁଇ ଚଳଚ୍ଚିତ୍ର ମଧ୍ୟରେ ଚାଲିଥିବା ବ୍ୟବସାୟିକ ପ୍ରତିଯୋଗିତା ଆଗାମୀ ଦିନରେ କେଉଁ ମୋଡ଼ ନେଉଛି, ତାହା ଦେଖିବାକୁ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସୁକତା ପ୍ରକାଶ ପାଇଛି।



Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ